୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.211 Bhubaneswar Sunday September 29 2024 | ୨୬ତମ ବର୍ଷ ସଂଖ୍ୟା-୨୧୧ ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୯, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ରାଷ୍ଟ୍ରୀୟ ପତ୍ରକାର ମହାସଂଘର ନୂଆ ଜାତୀୟ କମିଟି ଗଠିତ ଡକ୍ଟର ପବିତ୍ରମୋହନ ସାମନ୍ତରାୟ ନୂଆ ଅଧ୍ୟକ୍ଷ




ନୂଆଦିଲ୍ଲୀ,୨୮।୯(ପି.ଏନ): ହଜଖସସ୍ଥିତ ଜଗନ୍ନାଥ ମନ୍ଦିର ସଭାଗୃହରେ ରାଷ୍ଟ୍ରୀୟ ପତ୍ରକାର ମହାସଂଘର କୋର କମିଟିର ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇ ପୁରୁଣା କମିଟି ଭଙ୍ଗ କରାଯାଇ ନୂତନ କମିଟି ଗଠନ କରାଯାଇଥିଲା। ଯେଉଁଥିରେ ସର୍ବସମ୍ମତିକ୍ରମେ ସଂଗଠନର ଅଧ୍ୟକ୍ଷା ଶ୍ରୀମତୀ ପୁଷ୍ପା ପାଣ୍ଡିଆ, ରାଷ୍ଟ୍ରୀୟ ସଭାପତି ଡକ୍ଟର ପବିତ୍ରମୋହନ ସାମନ୍ତରାୟ, ଉପସଭାପତି ଶିବୁ ଖାନ, କୋଷାଧ୍ୟକ୍ଷ ଧୀରଜ କୁମାର, ସଚିବ ପଙ୍କଜ କୁମାର ମିଶ୍ରୀ, ଉପସଚିବ ସୁଶାନ୍ତ କୁମାର ସୋନି, ଜାତୀୟ ପରିଷଦ ସଦସ୍ୟ ସୁଶୀଲ କୁମାର ଶର୍ମା ଓ ୱାଇ.କେ ନାରାୟଣପୁରକର ମନୋନୀତ ହୋଇଥିଲେ। ଉକ୍ତ ସଭାରେ ସଂଗଠନର ଶକ୍ତି ବୃଦ୍ଧି ଏବଂ ସାମ୍ବାଦିକମାନଙ୍କର ବିଭିନ୍ନ ସମସ୍ୟା ଉପରେ ବିଶଦ୍ ଭାବରେ ଆଲୋଚନା କରାଯାଇଥିଲା। ତା' ପରଦିନ ନୂଆଦିଲ୍ଲୀର ଜନପଥସ୍ଥିତ ୱେଷ୍ଟନକୋଟ ଠାରେ ଏକ ସ୍ୱତନ୍ତ୍ର ବୈଠକ ଆରମ୍ଭ ହୋଇଥିଲା। ଏହି ବୈଠକରେ ନବନିଯୁକ୍ତ ରାଷ୍ଟ୍ରୀୟ ସଭାପତି ଡକ୍ଟର ପବିତ୍ର ମୋହନ ସାମନ୍ତରାୟ ଉପସ୍ଥିତ ସମସ୍ତ ରାଷ୍ଟ୍ରୀୟ ପଦାଧିକାରୀଙ୍କୁ ଅନ୍ତରତାର ସହ ଧନ୍ୟବାଦ ପ୍ରଦାନ କରିବା ସହ ଆଗାମୀ ଦିନରେ ସଂଗଠନକୁ ରାଷ୍ଟ୍ରୀୟ ସ୍ତରରେ ମଜବୁତ୍ କରିବା ଏବଂ ଦେଶରେ କାର୍ଯ୍ୟରତ ସମସ୍ତ ସାମ୍ବାଦିକ ବନ୍ଧୁମାନଙ୍କ ସମସ୍ୟା ସମାଧାନ ଦିଗରେ ଆନ୍ତରିକତା ସହ କାର୍ଯ୍ୟକରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ୧୬ ନଭେମ୍ବର୨୦୨୪ ଜାତୀୟ ପ୍ରେସ୍ ଦିବସରେ ଦିଲ୍ଲୀରେ ରାଷ୍ଟ୍ରୀୟ ପତ୍ରକାର ମହାସଂଘ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ନବ ନିଯୁକ୍ତ ନୂତନ ରାଷ୍ଟ୍ରୀୟ ପଦାଧିକାରୀମାନେ ଦାୟିତ୍ୱ ଗ୍ରହଣ କରିବେ।

## ୭ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ: ଏଜିଙ୍କ ଫି' ୫ଗୁଣ ବୃଦ୍ଧି, ଆଉ ଦେଢ଼ବର୍ଷ ବଢ଼ିଲା ଘରୋଇ ଡିଲରଙ୍କ କାର୍ଯ୍ୟକାଳ

ଭୁବନେଶ୍ୱର,୨୮।୯(ପି.ଏନ): ସାଧାରଣ ବଂଟନ ବ୍ୟବସ୍ଥାରେ ରାଜ୍ୟରେ କାର୍ଯ୍ୟରତ ୫୨୯୧ଜଣ ଘରୋଇ ଡିଲରଙ୍କ କାର୍ଯ୍ୟକାଳ ଆଉ ଦେଢ଼ବର୍ଷ ବୃଦ୍ଧି ପାଇଛି । ସେହିପରି ବିଭିନ୍ନ କୋର୍ଟ ଓ ଟ୍ରିବ୍ୟୁନାଲରେ ସରକାରଙ୍କ ପକ୍ଷରୁ ମାମଲା ଲଢୁଥିବା ଆଡଭୋକେଟ୍ ଜେନେରାଲଙ୍କ ଫି'କୁ ମଧ୍ୟ ସରକାର ହାରାହାରି ୫ଗୁଣ ବଢାଇଛନ୍ତି । ଏସବୁ ପ୍ରସ୍ତାବ ସମେତ ମୋଟ ୭ଟି ପ୍ରସ୍ତାବକୁ ଆଜି ରାଜ୍ୟ କ୍ୟାବିନେଟର ଅନୁମୋଦନ ମିଳିଛି ।ଆଜି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଓଡିଶା ସାଧାରଣ ବଂଟନ ବ୍ୟବସ୍ଥା(ନିୟନ୍ତ୍ରଣ) ଆଦେଶ,୨୦୧୬'ର ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଫଳରେ ଘରୋଇ ଡିଲରଙ୍କ ସ୍ଥାନରେ ଆନୁଷ୍ଠାନିକ ଡିଲରମାନଙ୍କ ନିଯୁକ୍ତି ପ୍ରକ୍ରିୟାକୁ ଆଉ ଦେଢ଼ବର୍ଷ ଅର୍ଥାତ୍ ଆସନ୍ତା ୨୦୨୬ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଘରୋଇ ଡିଲରମାନଙ୍କ କାର୍ଯ୍ୟକାଳ ଚଳିତବର୍ଷ ସେପ୍ଟେମ୍ବର ୩୦ତାରିଖରେ ଶେଷ ହେଉଛି । ସମସ୍ତ ଘରୋଇ ଡିଲରଙ୍କୁ ଏକକାଳୀନ ଉଚ୍ଛେଦ କରିବାରେ ପ୍ରଶାସନିକ ଅସୁବିଧା ଓ ସାଧାରଣ ବଂଟନରେ ଅବ୍ୟବସ୍ଥାର ଆଶଙ୍କା ରହିଥିବାରୁ ସେମାନଙ୍କ କାର୍ଯ୍ୟକାଳ ଆସନ୍ତା ୨୦୨୬ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଉଲ୍ଲେଖଯୋଗ୍ୟ, ଓଡିଶାରେ ୨୦୧୫ ନଭେମ୍ବର ମାସରୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ କାର୍ଯ୍ୟକାରୀ ହେଉଛି ଓ ଏହି ଆଇନରେ ୬ମାସ ମଧ୍ୟରେ ଘରୋଇ ଡିଲର ବ୍ୟବସ୍ଥା ଉଚ୍ଛେଦ ପାଇଁ ପ୍ରାବଧାନ ଥିଲେ ମଧ୍ୟ ରାଜ୍ୟ ସରକାର ସେମାନଙ୍କ କାର୍ଯ୍ୟକାଳ ବାରମ୍ବାର ବଢ଼ାଇ ଚାଲିଛନ୍ତି । ବିଜେଡି ସରକାର ଏହି ଘରୋଇ ଡିଲରଙ୍କ କାର୍ଯ୍ୟକାଳକୁ ଥରକରେ ୬ମାସରୁ ଏକବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରୁଥିବାବେଳେ ବିଜେପି ସରକାର ଆଜି ଦେଢ଼ବର୍ଷ ପାଇଁ ବଢ଼ାଇ ଦେଇଛନ୍ତି । ରାଜ୍ୟରେ ସାଧାରଣ ବଂଟନ ବ୍ୟବସ୍ଥାରେ ମୋଟ ୧୧୯୩୧ଟି ସୁଲଭ ମୂଲ୍ୟ ଦୋକାନ ରହିଛି । ସେଥିରୁ ୫୨୯୧ଟି ଘରୋଇ ଡିଲରଙ୍କ ଦ୍ୱାରା ପରିଚାଳିତ ହେଉଛି । ଆନୁଷ୍ଠାନିକ ଖାଉଟି ଡିଲର କେନ୍ଦ୍ର ଯଥା-ପଂଚାୟତ ଦ୍ୱାରା ପରିଚାଳିତ ୪୦୨୮ଟି , ମହିଳା ଏସଏଚଜିଙ୍କ ଦ୍ୱାରା ୨୧୬୧ଟି, ଏସଏଚଜିଙ୍କ ଦବାରା ୧୬୧ଟି , ସେବା ସମବାୟ ସମିତି ଦ୍ୱାରା ୨୪୬ଟି ଓ ଅନ୍ୟାନ୍ୟ ସଂସ୍ଥା ଦ୍ୱାରା ୪୨ଟି ସୁଲଭ ମୂଲ୍ୟ ଦୋକାନ ପରିଚାଳିତ ହେଉଛି ।



## ଟ୍ରେଡିଂ ନାଁରେ ବାଙ୍ଗ ନେଲେ ଡାକ୍ତର; ଚଳୁ ହୋଇଗଲା ୧୦ କୋଟି

ଭୁବନେଶ୍ୱର,୨୮।୯(ପି.ଏନ): ଟ୍ରେଡିଂ ନାଁରେ ବାଙ୍ଗ ନେଲେ ଡାକ୍ତର। ଆଉ ଚଳୁ ହୋଇଗଲା ୧୦ କୋଟିରୁ ଅଧିକ ଟଙ୍କା। ନାମ ନେଲା ପରେ ଡାକ୍ତର ଭୁବନେଶ୍ୱର ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ସାଇବର ଥାନା ପୁଲିସ୍ ଆଜି ଦୁଇ ସାଇବର ଠକଙ୍କୁ ରାଜସ୍ଥାନରୁ ଗିରଫ କରିଛି। ଏଥିସହ ସେମାନଙ୍କ ଆକାଉଣ୍ଟରେ ଥିବା ୫ ଲକ୍ଷ ଟଙ୍କା ଫ୍ରିଜ୍ କରିଛି ପୁଲିସ୍। ଗିରଫ ଦୁଇ ଅଭିଯୁକ୍ତ ହେଲେ ରାଜସ୍ଥାନ ଚୁରୁ ଜିଲ୍ଲା ରତନ ନଗର ଥାନା ଅଞ୍ଚଳର ନବୀନ କୁମାର ଜାହାଙ୍ଗିର ଓ ମୁକେଶ କୁମାର ସିଲା। ଉଭୟ ପାଠ ପଢୁଛନ୍ତି। ନବୀନ ବିଏ ପଢୁଥିବା ବେଳେ ମୁକେଶ ଯୁକ୍ତ ୨ରେ ପାଠ ପଢୁଛନ୍ତି। ଏମାନଙ୍କ କାମ ହେଲା ଠକେଇ କରିବା। ଟ୍ରେଡିଂ ନାଁ ଲୋଭ ଦେଖାଇ ଲିଙ୍କ ପଠାଉଥିଲେ ଓ ଆଉ ଟଙ୍କା ଇନ୍‌ଭେଷ୍ଟ ହେବା ପରେ ଆଖି ପିଛୁଳାକେ ଆକାଉଣ୍ଟ ଖୋଲ କରିଦେଉଥିଲେ। ନବୀନ ଓ ମୁକେଶଙ୍କ ଏହି ଟ୍ରେଡିଂ ଜାଲରେ ପଡିଥିଲେ ଭୁବନେଶ୍ୱର କସ୍‌ମୋପଲିରେ ରହୁଥିବା ଜଣେ ଡାକ୍ତର।



## ୫୭ ଯାତ୍ରୀଙ୍କୁ ନେଇ ଯାଉଥିଲା ବସ୍, ଓଲଟି ପଡିଲା ତୀର୍ଥଯାତ୍ରୀ ଗାଡି: ବାଲେଶ୍ୱରରେ ସଡକ ଦୁର୍ଘଟଣା

ଭୁବନେଶ୍ୱର,୨୮।୯(ପି.ଏନ): ବାଲେଶ୍ୱର ଜଳେଶ୍ୱର ଅଞ୍ଚଳରେ ଘଟିଯାଇଛି ଏକ ଭୟଙ୍କର ସଡକ ଦୁର୍ଘଟଣା । ୫୭ ଜଣ ତୀର୍ଥଯାତ୍ରୀଙ୍କୁ ଧରି ଯାଉଥିବା ଏକ ବସ୍ ଅଚାନକ ଜାତୀୟ ରାଜପଥ ତଳକୁ ଖସି ପଡିଛି । ଜାତୀୟ ରାଜପଥରେ ଭୁବନେଶ୍ୱର-ପୁରୀ ଅଭିମୁଖେ ଯାଉଥିବା ବେଳେ ଏଠାରେ ୨୦ ଫୁଟ ତଳକୁ ଖସି ପଡିଥିଲା । ଫଳରେ ଦୁର୍ଘଟଣାରେ ୪ ଜଣ ଯାତ୍ରୀ ପ୍ରାଣ ହରାଇଥିବା ବେଳେ ୩୩ ଜଣ ଆହତ ହୋଇଛନ୍ତି । ତେବେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀମାନଙ୍କ ପରିଚୟ ମଧ୍ୟ ଜଣାଯାଇଛି । ରିପୋର୍ଟ ଅନୁସାରେ, ଭୁବନେଶ୍ୱର, କୋଣାର୍କ ଏବଂ ପୁରୀ ଯାତ୍ରା କରି ଫେରୁଥିବା ଏକ ତୀର୍ଥଯାତ୍ରୀ ବସ୍ ଅଚାନକ ଏକ ଦୁର୍ଘଟଣାର ଶିକାର ହୋଇଛି । ଜାତୀୟ ରାଜପଥରୁ ୨୦ ତଳ ଘାଇକୁ ଖସି ପଡିଥିବା ଜାଣିବାକୁ ମିଳିଛି । ଏହି ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୩ ଜଣ ଆହତ ହୋଇଛନ୍ତି । ସୂଚନା ଅନୁସାରେ, ପ୍ରାଣ ହରାଇଥିବା ୪ ଯାତ୍ରୀଙ୍କ ମଧ୍ୟରୁ ଜଣେ ସିର୍ଦ୍ଧାର୍ଥନଗରର ରାମପ୍ରସାଦ, ସନ୍ତରାମ ଥିବା ବେଳେ ବଳରାମପୁରର ରାଜେଶ କୁମାର ମିଶ୍ର ଏବଂ ବେଲହଂସାର କମଳା ଦେବୀ ସାମିଲ ରହିଛନ୍ତି ।ବିଭିନ୍ନ ତୀର୍ଥସ୍ଥାନ ବୁଲି ଘରକୁ ଫେରିବା ସମୟରେ ଏମାନେ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ସେପଟେ ଆହତ ହୋଇଥିବା ୩୩ ଯାତ୍ରୀଙ୍କ ମଧ୍ୟରୁ ୧୦ ଜଣଙ୍କୁ ବାଲେଶ୍ୱର ଏବଂ ୨୩ ଜଣଙ୍କୁ ଜଳେଶ୍ୱର ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଦୁର୍ଘଟଣାରେ କିଛି ଯାତ୍ରୀ ଗୁରୁତର ଆହତ ହୋଇଥିବା ବେଳେ ସେମାନଙ୍କ ଚିକିତ୍ସା ଜାରି ରହିଛି ।

### ଦୁଇ ଦିନିଆ ଝାଡଖଣ୍ଡ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ପ୍ରାକ୍ ନିର୍ବାଚନ ରାଲିରେ ଯୋଗ ଦେବେ

ବନେଶ୍ୱର,୨୮।୯(ପି.ଏନ): ସେପ୍ଟେମ୍ବର ୨୭ରୁ ଲୋକସେଭା ଭବନରେ ଆରମ୍ଭ ହେଇଛି ଜିଲ୍ଲାପାଳ ଓ ଏସପି ସମ୍ମିଳନୀ । ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ସମ୍ମିଳନୀରେ ବିଭିନ୍ନ ବିଭାଗର ସଚିବ ମଧ୍ୟ ସାମିଲ ରହିଥିଲେ । ତେବେ ଏହି ସମ୍ମିଳନୀ ଶେଷ ହେବା ପରେ ଆସନ୍ତା ୩୦ ଏବଂ ୧ ତାରିଖରେ ଦୁଇ ଦିନିଆ ଝାଡଖଣ୍ଡ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ସେପ୍ଟେମ୍ବର ୩୦ରେ ପଶ୍ଚିମ ସିଂହଭୂମର ଜଗନ୍ନାଥପୁର ଏବଂ ଅକ୍ଟୋବର ୧ରେ ଚାଇବାସା ସ୍ଥିତ କୋଲହାନ ଯିବାର କାର୍ଯ୍ୟକ୍ରମ ରହିଛି। ପଶ୍ଚିମ ସିଂହଭୂମରେ ସେ ପ୍ରାକ୍ ନିର୍ବାଚନୀ କାର୍ଯ୍ୟକ୍ରମରେ ଯୋଗ ଦେବୋକୁ ଥିବା ବେଳେ ଚାଇବାସାରେ ବିଜେପିର ପରିବର୍ତ୍ତନ ଯାତ୍ରାରେ ସାମିଲ ହେବେ । ସୂଚନାଯୋଗ୍ୟ, ଝାଡଖଣ୍ଡରେ କେବେ ନିର୍ବାଚନ ହେବ ସେନେଇ ତାରିଖ ଘୋଷଣା କରାଯାଇନାହିଁ । ତେବେ ବିଜେପି ପକ୍ଷରୁ ରାଜ୍ୟରେ ନିର୍ବାଚନୀ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ।

## ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସହ ଆଲୋଚନା ପରେ ନର୍ସିଂ ଅଫିସରଙ୍କ ଆନ୍ଦୋଳନ ପ୍ରତ୍ୟାହୃତ



ଭୁବନେଶ୍ୱର,୨୮।୯(ପି.ଏନ): ରାଜ୍ୟରେ ୪ ଦିନ ଧରି ଚାଲିଥିବା ନର୍ସିଂ ଅଫିସରଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଏନେଇ ସୂଚନା ଦେଇଛନ୍ତି ନର୍ସିଂ ସଂଘ ସାଧାରଣ ସଂପାଦକ। ଆଜିଠାରୁ ନର୍ସିଂ ଅଫିସରମାନେ କାମକୁ ଫେରିବେ ବୋଲି ଜଣାପଡିଛି। ଗଣମାଧ୍ୟମକୁ ସୂଚନା ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ନର୍ସିଂ କର୍ମଚାରୀମାନଙ୍କ ସହ ଆଲୋଚନା ସକରାତ୍ମକ ଓ ଫଳପ୍ରଦ ରହିଛି । ସେମାନେ ଆଜିଠୁ ଆନ୍ଦୋଳନରୁ ଓହରି କାମରେ ଯୋଗ ଦେବାକୁ ଅନୁରୋଧ କରାଯାଇଥିଲା, ଯାହାକୁ ସେମାନେ ମାନି ନେଇଛନ୍ତି । ସେମାନଙ୍କର ଦାବି ଉପରେ ତର୍ଜମା ପାଇଁ ଅନ୍ତର୍ବିଭାଗୀୟ କମିଟି ଗଠନ ହୋଇଛି ବୋଲି ସେ କହିଛନ୍ତି ।

## ବଡ଼ଧରଣର ଗୁଳିକାଣ୍ଡ, ୧୭ ମୃତ

ଭୁବନେଶ୍ୱର,୨୮।୯(ପି.ଏନ): ଦକ୍ଷିଣ ଆଫ୍ରିକାର ଲୁସିକିସିକି ଅଞ୍ଚଳରେ ବଡ଼ଧରଣର ଗୁଳିକାଣ୍ଡ ଘଟିଛିଛି। ଶୋଇ ଥିବାବେଳେ ଦୁଇ ଥର ଗୁଳିବିନିମୟ କରିଛନ୍ତି ଦୁର୍ବୃତ୍ତ। ଏଥିରେ ୧୭ ଜଣଙ୍କ ମୃତ୍ୟୁ ଘଟି ଥିବାବେଳେ ଜଣେ ଆହତ ହୋଇଛନ୍ତି ।ଆହତଙ୍କ ମଧ୍ୟରେ ୧୫ ଜଣ ମହିଳା ଥିବାବେଳେ ଦୁଇ ଜଣ ପୁରୁଷ ଅଛନ୍ତି। ଏନେଇ ରାଜ୍ୟ ପୁଲିସ ମୁଖପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଲୁସିକିସିକି ଅଞ୍ଚଳରେ ଗତକାଲି ରାତିରେ



ବଡ଼ଧରଣର ଗୁଳିକାଣ୍ଡ ଘଟିଛି। ଦୁଇଟି ଘରୁ ୧୭ ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ସମସ୍ତଙ୍କ ଶରୀରରେ ଗୁଳି ବାଜିବା କାରଣରୁ ମୃତ୍ୟୁ ହୋଇଛି।

## ଭରତପୁର ଥାନା ମାମଲା: ସୋମବାର ସାମ୍ନାକୁ ଆସିବ ସତ ! କାଲି ଗୁଜୁରାଟ ଯିବ କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର,୨୮।୯(ପି.ଏନ): ଭରତପୁର ଥାନାରେ ମେଜର ଏବଂ ତାଙ୍କ ବାନ୍ଧବୀଙ୍କୁ ଅସଦାଚରଣ ସହ ନିର୍ଯାତନା ମାମଲା । ଆସନ୍ତାକାଲି (ରବିବାର) ଗୁଜୁରାଟ ଯିବ କ୍ରାଇମବ୍ରାଞ୍ଚ ଟିମ୍ । ଭରତପୁର ଥାନାର ନିଲମ୍ବିତ ଅଧିକାରୀଙ୍କ ସମେତ ଅନ୍ୟ ଚାରିଜଣ ନିଲମ୍ବିତ ପୋଲିସ ଅଧିକାରୀଙ୍କୁ ନେଇ ଗୁଜରାଟ ଯିବ କ୍ରାଇମବ୍ରାଞ୍ଚ ଟିମ୍ ।ସୂଚନା ଅନୁସାରେ, ସୋମବାର ଦିନ ନିଲମ୍ବିତ ଥାନା ଅଧିକାରୀ ଦୀନକୃଷ୍ଣ ମିଶ୍ରଙ୍କର ପଲିଗ୍ରାଫ ଟେଷ୍ଟ ହେବ । ଏହାସହ ଅନ୍ୟ ଚାରିଜଣଙ୍କର ମଧ୍ୟ ଟେଷ୍ଟ ହେବା ନେଇ ଜଣାପଡିଛି । ଅନ୍ୟପଟେ ନାର୍କ ଟେଷ୍ଟ ଏବଂ ବ୍ରେନମ୍ୟାପିଂ ମଧ୍ୟ କରାଯିବ । ଏହି ଟେଷ୍ଟ ପାଇଁ ଭୁବନେଶ୍ୱରର ଏସଡିଜେମ୍ କୋର୍ଟ ଅନୁମତି ପ୍ରଦାନ କରିଛନ୍ତି । ପୂର୍ବରୁ ଦୀନକୃଷ୍ଣଙ୍କ ଟେଷ୍ଟ ପାଇଁ କୋର୍ଟ ଅନୁମତି ଦେଇଥିବା ବେଳେ ଶୁକ୍ରବାର ଅନ୍ୟ ୪ଜଣଙ୍କ ପାଇଁ ମଧ୍ୟ ଅନୁମତି ଦେଇଛନ୍ତି । ଦୀନ ନିଲମ୍ବିତ ପୋଲିସ ଅଧିକାରୀମାନେ ହେଲେ ଦୀନକୃଷ୍ଣ ମିଶ୍ର, ବଳରାମ ହାଁସଦା, ବୈଶାଳିନୀ ପଣ୍ଡା, ସଲିଳାମୟୀ ସାହୁ ଏବଂ ସାଗରିକା ରଥ । କିଏ କହୁଛି ମିଛ କିଏ କହୁଛି ସତ ପୋଲିସ କେତେ ସତ କହିଛି ରିପୋର୍ଟ ଆସିବା ପରେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ । ଏହି ଘଟଣାରେ ଯିଏ ମିଛ ବୋଲି ଜଣାପଡିବ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ।

## ଟଙ୍କା ଚୋରି କରିଥିବା ଭାବି ଫୁଙ୍କନଳିରେ ପିଟି ୧୦ ବର୍ଷର ପୁଅକୁ ମାରି ଦେଲା ବାପା

ଭୁବନେଶ୍ୱର,୨୮।୯(ପି.ଏନ): ବାପା ଘଟାଇଛି ଜଘନ୍ୟକାଣ୍ଡ। ଯେଉଁ ପୁଅକୁ ଜନ୍ମ ଦେଇଥିଲା, ତା'କୁ ହିଁ ଶେଷରେ ହତ୍ୟା କରିଛି। ଚୁଲି ଜଳାଇବା ପାଇଁ ବ୍ୟବହାର ହେଉଥିବା ଫୁଙ୍କନଳି ଦ୍ୱାରା ବାପା ଜଣକ ତା'ର ୧୦ ବର୍ଷର ପୁଅକୁ ପିଟିପିଟି ମାରି ଦେଇଛନ୍ତି। ପୁଅ ଘରୁ ୫୦୦ ଟଙ୍କା ଚୋରି କରିଥିବା ସନ୍ଦେହରେ ତା'କୁ ବାପା ଦେଇଛି ମୃତ୍ୟୁଦଣ୍ଡ। ଏପରି ଘଟଣା ଗାଜିଆବାଦରେ ଘଟିଛି।୧୦ ବର୍ଷୀୟ ଆଦ ଗାଜିଆବାଦର ତୋୟଦି ଗାଁରେ ବାପା ନୌଶାଦ ଓ ସାବତ ମା' ରାଜିଆଙ୍କ ସହ ରହୁଥିଲା। ଅନେକ ସମୟରେ ରାଜିଆ ଓ ନୌଶାଦ ପିଲାଟିକୁ ଅକାରଣରେ ମାଡ ଓ ଗାଳି ଦିଅନ୍ତି। ଶନିବାର ସକାଳେ ଘରେ ରଖିଥିବା ୫୦୦ ଟଙ୍କା ନୌଶାଦ କିମ୍ବା ରାଜିଆ ପାଇ ନଥିଲେ। ତେଣୁ ଆଦ ଟଙ୍କା ଚୋରି କରିଥିବା ସେମାନେ ସନ୍ଦେହ କରିଥିଲେ।

## ‘ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା’କୁ କ୍ୟାବିନେଟ୍ ମୋହର : ୫ବର୍ଷରେ ଖର୍ଚ୍ଚ ହେବ ୧୪୨୩କୋଟି ଟଙ୍କା

ଭୁବନେଶ୍ୱର,୨୮।୯(ପି.ଏନ):ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ସହ ଗୋପାଳନକାରୀଙ୍କ ଆୟ ବୃଦ୍ଧି ନିମନ୍ତେ ରାଜ୍ୟରେ ‘ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା’ କାର୍ଯ୍ୟକାରୀ ହେବ । ଆଜି ଏହି ନୂଆ ଯୋଜନାକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛନ୍ତି । ୫ବର୍ଷ ମଧ୍ୟରେ ଏହି ଯୋଜନାରେ ୧୪୨୩.୪୭କୋଟି ଟଙ୍କା ଖର୍ଚ୍ଚ ପାଇଁ ବ୍ୟୟବରାଦ ହୋଇଛି ।ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ମୋଟ ୭ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ବୈଠକ ପରେ ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ‘ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା’କୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି । ଏହି ଯୋଜନା ୨୦୨୪-୨୫ ଆର୍ଥିକ ବର୍ଷରୁ ୨୦୨୮-୨୯ ମସିହା ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବ । ଏହି ଯୋଜନାରେ ଦୁଗ୍ଧ ଉତ୍ପାଦନକୁ ବୃଦ୍ଧି କରିବା ସହ ୧୫ଲକ୍ଷ ୪୭ହଜାର ୮୩୭ଜଣ ଗୋପାଳକଙ୍କ ଆୟ ବୃଦ୍ଧିକୁ ତ୍ୱରାନ୍ୱିତ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଏଥିରେ ମଇଁଷି ପାଳନ ପାଇଁ ୬୩୩୭ଜଣ ଚାଷୀଙ୍କୁ ୧୧୦.୨୩କୋଟି ଟଙ୍କାର ସହାୟତା ଯୋଗାଇ ଦିଆଯିବ ।ଗୋପାଳନ ଯୋଜନାରେ ୩୧୫୦୦ ଚାଷୀଙ୍କୁ ଦୃଷ୍ଟିରେ ରଖି ୪୭୬କୋଟି ଟଙ୍କା, ଗୋସମ୍ପଦ ବୀମା ଯୋଜନାରେ ୩ଲକ୍ଷ ଚାଷୀଙ୍କ ପାଇଁ ୧୮୭.୪୨କୋଟି ଟଙ୍କା, ବାଛୁରୀ ପାଳନ ଯୋଜନାରେ ୭୫ହଜାର ଚାଷୀଙ୍କ ପାଇଁ ୨୧୬.୦୯କୋଟି ଟଙ୍କା, ଓମଫେଡକୁ ସହାୟତା ବାବଦରେ ୨୫.୫୨କୋଟି ଟଙ୍କା, କୃତ୍ରିମ ପ୍ରଜନନ ପାଇଁ ୪୧.୧୦କୋଟି ଟଙ୍କା, ତୃଣ ଉତ୍ପାଦନ ଓ ସରକାରୀ ତୃଣ ଉତ୍ପାଦନ ଫାର୍ମଗୁଡିକର ସୁଦୃଢ଼ୀକରଣ ପାଇଁ ୨୦୦.୬୮କୋଟି ଟଙ୍କା ବ୍ୟୟବରାଦ ହୋଇଛି । ଏହି ତୃଣ ଉତ୍ପାଦନ କ୍ଷେତ୍ରରେ ୫ବର୍ଷ ମଧ୍ୟରେ ୫ଲକ୍ଷ ଚାଷୀ ଉପକୃତ ହେବାକୁ ଲକ୍ଷ୍ୟ ରଖାଯାଇଛି ।

## ଭଦ୍ରକ ହିଂସା ଘଟଣାରେ ୧୦ ଗିରଫ; ବନ୍ଦ ହେଲା ଇଣ୍ଟରନେଟ୍, ଜାରି ହେଲା ୧୬୩ ଧାରା



ଭଦ୍ରକ,୨୮।୯(ପି.ଏନ): ଭଦ୍ରକରେ ସୋସିଆଲ୍ ମିଡିଆ ପୋଷ୍ଟକୁ ନେଇ ହିଂସା ଘଟଣାରେ ୧୦ ଜଣଙ୍କୁ ଗିରଫ କରାଯାଇଛି । ଉତ୍ତେଜନାକୁ ଦୃଷ୍ଟିରେ ରଖି ଧାମନଗର ଘଇଉ ଓ ଆଖପାଖରେ ୧୬୩ ଜାରି କରାଗଲା । ଧାମନଗର ଘଇଉ ଓ ଦୋବଲରେ ୧୬୩ ସହ ୪ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି । ସେପଟେ ପୁରୁଣାବଜାର ଅଞ୍ଚଳରେ ୧୬୩ ଧାରା ସହ ୧୦ ପ୍ଲାଟୁନ୍ ଫୋର୍ସ ମୁତୟନ ।୪୮ ଘଣ୍ଟା ପାଇ ବନ୍ଦ କରାଗଲା ଇଣ୍ଟରନେଟ୍ ସେବା । ବନ୍ଦ କରାଯିବା ନେଇ ଭଦ୍ରକ ଏସ୍‌ପିଙ୍କ ସୂଚନା । ପୁରୁଣା ବଜାର ଥାନାରେ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ସହ ପୋଲିସ ଡିଆଇଜି, ଭଦ୍ରକ ଏସପି, ଭଦ୍ରକ ଜିଲ୍ଲାପାଳଙ୍କ ସମେତ ସମସ୍ତ ଅଧିକାରୀ ଅଞ୍ଚଳ ବୁଲି ଦେଖିବା ସହ ନିଜେ ଫ୍ଲାଗମାର୍ଚ୍ଚ କରିଛନ୍ତି । ଶାନ୍ତି କମିଟି ସହ ଆଲୋଚନା କରାଯାଇଛି । ଡିଆଇଜି କହିଛନ୍ତି ଯେ ସୋସିଆଲ ମିଡିଆରେ ବିବାଦୀୟ ପୋଷ୍ଟକୁ ନେଇ ସାଇବର ସେଲ ତଦନ୍ତ କରୁଛି ।ପୋଷ୍ଟରେ ସତ୍ୟତା ଥିଲେ ନିଆଯିବ କାର୍ଯ୍ୟାନୁଷ୍ଠାନ । କିନ୍ତୁ ସର୍ବସାଧାରଣ ସ୍ଥାନରେ ପୋଲିସକୁ ଆକ୍ରମଣ ଓ ସରକାରୀ ସମ୍ପତ୍ତି ନଷ୍ଟ କରିବା ସହ ଅଶାନ୍ତି ସୃଷ୍ଟି କରିବା ସହ ଉପଦ୍ରବ କରିଥିବା ଓ ଢେଲା ମାଡ଼ କରିଥିବା କୌଣସି ବ୍ୟକ୍ତିକୁ ଛଡାଯିବ ନାହିଁ ବୋଲି ଡିଆଇଜି କହିଛନ୍ତି । ଦୋକାନ ବଜାର ଖୋଲିବା ଉପରେ ନିର୍ଦ୍ଦିଷ୍ଟ ସମୟ ଦିଆଯିବା ନେଇ ଡିଆଇଜି ସୂଚନା ଦେଇଛନ୍ତି ।








## ଟି ଟାଇମ୍

# ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ



ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।

ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଳୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ସବୁଠାରୁ ଛୋଟିଆ ଗାଁ



ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆର୍ଡ୍ସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷିୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ 'ଜଙ୍ଗଲ୍ସ ଇନ୍ ପ୍ୟାରିସ' ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

# ଆସିୟୁରେ ହେଲା ବିବାହ



ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧ୍ୟାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧ୍ୟାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧ୍ୟାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ଧ୍ୟାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧ୍ୟାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

# 'ବବି ଜାସୁସ୍'ର ସିକ୍ୱେଲ କରିବେ ଦୀୟା



ଅଭିନୟରୁ ପ୍ରଯୋଜନାରେ ପ୍ରବେଶ କରିଥିବା ଦୀୟା ମିର୍ଜା ୨୦୧୪ରେ ନିର୍ମାଣ କରିଥିଲେ ଫିଲ୍ମ 'ବବି ଜାସୁସ୍'। ଏହି ଫିଲ୍ମର ଲିଡ୍‌ରେ ରହିଥିଲେ ବିଦ୍ୟା ବାଲାନ୍। ଏହି କମେଡି ଡ୍ରାମା ଫିଲ୍ମଟି ବକ୍ସ ଅଫିସରେ ଭଲ ଆୟ କରିନଥିଲେ ମଧ୍ୟ ଦର୍ଶକଙ୍କ ଭଲ ପାଇବା ମିଳିଥିଲା। ଏବେ ଦୀୟା ଏହାର ସିକ୍ୱେଲ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଦୀୟା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାଧାରଣତଃ ପୂର୍ବ ଫିଲ୍ମର ଆୟକୁ ନେଇ ଫିଲ୍ମର ସିକ୍ୱେଲ ନିର୍ମାଣ କରାଯାଇଥାଏ। କିନ୍ତୁ ଆମ ପୂର୍ବ ଫିଲ୍ମ ବକ୍ସ ଅଫିସରେ କମାଲ କରିନଥିଲେ ମଧ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ସେଥିପାଇଁ ଏହାର ସିକ୍ୱେଲ ନିର୍ମାଣ କରିବା ନେଇ ମନ ବଳାଇଛୁ। ଦୀୟାଙ୍କ ମୁହଁରୁ ଏହା ଶୁଣିବା ପରେ ଦେଖିବାକୁ ବାକି ରହିଲା କି ଏହାର ସିକ୍ୱେଲ ନିର୍ମାଣ କେବେ ଆରମ୍ଭ ହେଉଛି।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୪, ସେପ୍ଟେମ୍ବର ୨୯**

# ନାର୍କୋ ଆନାଲିସିସ୍ କ'ଣ ଓ କାହିଁକି ?


ଡାକ୍ତର ସମ୍ରାଟ କର

ଭାରତୀୟ ସମ୍ବିଧାନର ଧାରା ୪୦ ରେ ଉଲ୍ଲେଖ ଅଛି ଯେ କୌଣସି ବ୍ୟକ୍ତିକୁ ତା'ଇଚ୍ଛା ବିରୋଧରେ ନିଜ ବିପକ୍ଷରେ ସାକ୍ଷ୍ୟ ଦେବାକୁ ବାଧ୍ୟ କରାଯାଇ ପାରିବ ନାହିଁ । ତେଣୁ ଅପରାଧୀ ଉପରେ ନାର୍କୋ ଆନାଲିସିସ୍ ବା ଲାଇ ଡିଟେକ୍ଟର୍ ପ୍ରୟୋଗ କରିବା ପୂର୍ବରୁ ପୁଲିସ ତା'ର ଲିଖିତ ଅନୁମତି ହାସଲ କରିବା ଆଇନ ରହିଛି । ସେ ଦିନ ସକାଳୁ ସକାଳୁ ଆମେରିକାରେ ଏକ ବହୁ ରାଷ୍ଟ୍ରୀୟ କମ୍ପାନୀରେ କାର୍ଯ୍ୟରତ ମୋ ବନ୍ଧୁ ସୁନୀଲ ଫୋନ କରିଥିଲେ। ଦୂରରେ ଥିଲେ ବି ଓଡ଼ିଶାର ଖବର ସେ ଭଲ ଭାବରେ ରଖନ୍ତି। ମୋତେ ସେ ଫୋନରେ କହିଲେ ଯେ ଭୁବନେଶ୍ୱରର ଭରତପୁର ଥାନାରେ ଯାହା ଘଟିଛି ଏବଂ ପରବର୍ତ୍ତୀ ସମୟରେ ନିଲମ୍ବିତ ଆଇଆଇସି ଦିନକୃଷ୍ଣ ମିଶ୍ରଙ୍କ ନାର୍କୋଆନାଲେସିସ, ପଲିଗ୍ରାଫ ଓ ବ୍ରେନ ମ୍ୟାପିଂ ପରୀକ୍ଷା ହେବାକୁ ଯାଉଛି। ଭଲକଥା ଏଥର ଅସଲ ସତଟା ଜଣାପଡ଼ିଯିବ। ମୁଁ ତାଙ୍କୁ କହିଲି ବାସ୍ତବ କଥା ହେଉଛି ଅସ୍ତ୍ରୋପଚାର ସମୟରେ ରୋଗୀକୁ ସଂଜ୍ଞାହୀନ କରିବା ପାଇଁ ଡାକ୍ତରମାନେ ସୋଡ଼ିୟମ ପେଣ୍ଟୋଥାଲ୍ ପ୍ରୟୋଗ କରିଥାନ୍ତି । ଉପଯୁକ୍ତ ପରିମାଣରେ ଦିଆଗଲେ ଏହା ଏକ ମିନିଟ୍‌ରୁ କମ୍ ସମୟ ମଧ୍ୟରେ ରୋଗୀକୁ ସଂଜ୍ଞାହୀନ କରିଦିଏ । ତେବେ ଅଳ୍ପ ପରିମାଣରେ ପ୍ରୟୋଗ କରାଗଲେ ସୋଡ଼ିୟମ ପେଣ୍ଟାଥାଲ୍ ମଣିଷକୁ ନିଦ ଭଳି ଏକ ଅବସ୍ଥାକୁ ନେଇଯାଏ । ସେହି ସମୟରେ ତା'ର ମନ ଗହୀରରେ ଥିବା କଥାସବୁକୁ ପଚାରିଲେ ସେ କହିପକାଏ । ତେଣୁ ଅପରାଧୀଙ୍କୁ ଜେରା କରିବା ବେଳେ ଅପରାଧ ବିଜ୍ଞାନୀମାନେ ମଧ୍ୟ ଏହାର ସାହାଯ୍ୟ ନେଉଛନ୍ତି । ସାଧାରଣ ଭାଷାରେ ଏହାକୁ ନାର୍କୋ ଆନାଲିସିସ୍ କୁହାଯାଏ । ଏହା ଏକ ପ୍ରକାର ସତ ବାହାର କରିବା ପାଇଁ ମିଛ ଧରା ପରୀକ୍ଷା କହିଲେ ଅତ୍ୟୁକ୍ତି ହେବନାହିଁ। ସର୍ବପ୍ରଥମେ ଏହା ସମସ୍ତଙ୍କୁ ଜଣାଯେ ଭାରତୀୟ ସମ୍ବିଧାନର ଧାରା ୪୦ ରେ ଉଲ୍ଲେଖ ଅଛି ଯେ କୌଣସି ବ୍ୟକ୍ତିକୁ ତା'ଇଚ୍ଛା ବିରୋଧରେ ନିଜ ବିପକ୍ଷରେ ସାକ୍ଷ୍ୟ ଦେବାକୁ ବାଧ୍ୟ କରାଯାଇ ପାରିବ ନାହିଁ । ତେଣୁ ଅପରାଧୀ ଉପରେ ନାର୍କୋ ଆନାଲିସିସ୍ ବା ଲାଇ ଡିଟେକ୍ଟର୍ ପ୍ରୟୋଗ କରିବା ପୂର୍ବରୁ ପୁଲିସ ତା'ର ଲିଖିତ ଅନୁମତି ହାସଲ କରିବା ଆଇନ ରହିଛି । ତେଣୁ ଅନୁମତି ମିଳିବା ପରେ ଓ ବ୍ୟକ୍ତି ଜଣଙ୍କ ସହମତି ପାଇବା ପରେ ସର୍ବପ୍ରଥମେ ବ୍ୟକ୍ତିଙ୍କ ବୟସ ଓ ସ୍ୱାସ୍ଥ୍ୟକୁ ବିଚାରକୁ ନିଆଯାଇଥାଏ। ସେ କୌଣସି ଦୁରାରୋଗ୍ୟର ପୀଡ଼ିତ କିମ୍ବା ନୁହେଁ, ସେ ଜଣେ ମାନସିକ ରୋଗୀକି ? ସେ ଜଣେ ଅଭ୍ୟାସଗତ ନିଶା ସେବନକାରୀ ହୋଇ ଏ ନେଇ ପୂର୍ବରୁ କୌଣସି ଚିକିତ୍ସା ହେଉଥିଲେ କି ? ସେ କୌଣସି ବଡ଼ ଓ ଜଟିଳ ରୋଗ ନେଇ ଦୀର୍ଘ ସମୟ ପାଇଁ ଔଷଧ ସେବନ କରୁଛନ୍ତି କି ? ଏହିପରି କିଛି ଦିଗ ସମ୍ପର୍କରେ ବିଚାର କରାଯାଇଥାଏ। ଏସବୁ ବିଚାର ପରେ ବ୍ୟକ୍ତି ଜଣଙ୍କୁ ସୋଡ଼ିୟନ ପେଣ୍ଟାଥାଲ ଇଞ୍ଜେକ୍ସନ ଦିଆଯାଏ। ଇଞ୍ଜେକ୍ସନ ଦିଆଯିବାର କିଛି କ୍ଷଣ ଭିତରେ ଏହା ତୀବ୍ର ଭାବରେ ମସ୍ତିଷ୍କରେ ପ୍ରତିକ୍ରିୟା ସୃଷ୍ଟି କରିଥାଏ। ଏହି ସମୟରେ କେବଳ ମସ୍ତିଷ୍କ ବ୍ୟତୀତ ଶରୀର ଅନ୍ୟ ସମସ୍ତ ଅଙ୍ଗ ଏକ ପ୍ରକାର ଅବଚେତନ ବା ନିସ୍ତେଜ ହୋଇ ରହିଥାଏ। ତେବେ ମସ୍ତିଷ୍କ କାର୍ଯ୍ୟକ୍ଷମ କରୁଥିବାରୁ ବ୍ୟକ୍ତି ଜଣକ କିଛି କଥା କହିପାରିବାକୁ ସକ୍ଷମ ହୋଇଥାନ୍ତି କିନ୍ତୁ ତାଙ୍କ ନିଜ ସମୀକ୍ଷା, ଚେତନା, ଭାବନା ଏସବୁ ଉପରୁ ତାଙ୍କର କୌଣସି ନିୟନ୍ତ୍ରଣ ନଥାଏ। ଯାହାଦ୍ୱାରା ତାଙ୍କ ପାଟିରୁ କେବଳ ସତ ହିଁ ବାହାରିଥାଏ। ସେହିପରି ବ୍ରେନ ମ୍ୟାପିଂ ପରୀକ୍ଷା ବେଳେ ବ୍ୟକ୍ତି ଜଣଙ୍କୁ ଘଟଣା ସମ୍ପର୍କିତ ସବିଶେଷ ବିଭିନ୍ନ ଭିଡ଼ିଓ ଓ ଅଡ଼ିଓ ତାଙ୍କ ସାମ୍ନାରେ ପ୍ରଦର୍ଶନ କରାଯାଏ। ଏହି ସମୟରେ ବ୍ୟକ୍ତି ଜଣଙ୍କର ବ୍ରେନର କାର୍ଯ୍ୟ କାରିତାକୁ ଗ୍ରାଫ ଜରିଆରେ ଫରେନ୍ସିକ୍ ବିଶେଷଜ୍ଞମାନେ ସତମିଛ ଧରିପାରିବେ। ପଲିଗ୍ରାଫ ପରୀକ୍ଷା ବେଳେ ବ୍ୟକ୍ତିଜଣଙ୍କର ଶରୀରରେ ପାଞ୍ଚଟି ଅଙ୍ଗରେ ଏହି ମିଛଧରା ଯନ୍ତ୍ର ଲଗାଇ ରଖାଯାଇଥାଏ। ତେବେ ବ୍ୟକ୍ତି ଜଣଙ୍କ ପ୍ରଶ୍ନର ଉତ୍ତରରେ ମିଛ କହୁଥିଲେ ଏହା ତାଙ୍କର ହାର୍ଟବିଟ କି ଅସ୍ୱାଭାବିକ ଦିଗକୁ ନେବା ସହ ଶରୀରରୁ ଝାଳ ନିର୍ଗତ ହୁଏ ଓ ବ୍ୟକ୍ତି ଜଣକ ନର୍ଭସ ହୋଇପଡ଼ିଥାନ୍ତି।

ଟିକିଏ ପାଠକଙ୍କୁ ଏଠାରେ ମନେ ପକାଇ ଦେଉଛୁ କି ଭାରତରେ ବହୁ ଚର୍ଚ୍ଚିତ ଷ୍ଟାମ୍ପ ପେପର୍ ଘୋଟାଲାର ମୁଖ୍ୟ ଅଭିଯୁକ୍ତ ଅବୁ କରିମ୍ ତେଲଗିକୁ ଜେରା କରିବା ପାଇଁ ମଧ୍ୟ ପୁଲିସ ଏହି ଉପାୟ ଅବଲମ୍ବନ କରିଥିଲା । ଫଳରେ ତେଲ୍‌ଗି ଟେଲିଭିଜନ୍ କ୍ୟାମେରା ଆଗରେ ନିଜ କଳା କାରନାମା ବଖାଣିବାର ଆମେ ଦେଖିଥିଲୁ । ଉଲ୍ଲେଖ କରାଯାଇପାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ନିଠାରି ଗଣହତ୍ୟା ମାମଲାର ଅଭିଯୁକ୍ତ ମାଲିକ ଚାକର ଦୁହିଁଙ୍କ ଉପରେ ମଧ୍ୟ ଏହାର ପ୍ରୟୋଗ କରାଯାଇଥିଲା । ନୋଇଡ଼ା ପୁଲିସ ସେ ଦୁହିଁଙ୍କର ବ୍ରେନ୍ ମ୍ୟାପିଂ ମଧ୍ୟ କରିଥିଲା । ପୂର୍ବେ ଅପରାଧୀର ମନ କଥା ଜାଣିବା ପାଇଁ ପୁଲିସ ଆଉ ଏକ ଉପାୟ ଅବଲମ୍ବନ କରୁଥିଲା । ତା'ର ନାମ ହେଉଛି 'ପୋଲିଗ୍ରାଫ୍ ବା ଲାଇ ଡିଟେକ୍ଟର୍' । କିନ୍ତୁ ସେଥିରେ ଅପରାଧୀର ମନ ତା' ନିୟନ୍ତ୍ରଣରେ ରହୁଥିବାରୁ ତା ଠୁ ସତକଥା ଝଡ଼ାଇବା ସେତେ ସହଜ ହେଉନଥିଲା । ପୁଣି ସେଥିପାଇଁ ତଦନ୍ତକାରୀଙ୍କୁ ଯଥେଷ୍ଟ ପରିଶ୍ରମ ମଧ୍ୟ କରିବାକୁ ପଡୁଥିଲା । କୌଣସି ଶବ୍ଦ ଓ ଦୃଶ୍ୟକୁ ଆମେ ପୂର୍ବରୁ ଶୁଣିଥିଲେ ବା ଦେଖିଥିଲେ ତା'ର ପୁନରାବୃତ୍ତି ହେଲେ ଆମ ମସ୍ତିଷ୍କ ଏକ ନିର୍ଦ୍ଦିଷ୍ଟ ଶୈଳୀରେ (ପରିଚିତ ଲୋକକୁ ଦେଖିବା ଭଳି) ପ୍ରତିକ୍ରିୟା ପ୍ରକାଶ କରିଥାଏ । ଏହି ସତ୍ୟର ଆଧାରରେ ଲାଇ ଡିଟେକ୍ଟର୍ ପରୀକ୍ଷା କରାଯାଏ । ମନେ କରାଯାଉ ଜଣେ ବ୍ୟକ୍ତିକୁ ଏକ ହତ୍ୟାକାଣ୍ଡ ମାମଲାରେ ସନ୍ଦେହ କରାଯାଉଛି । ତାକୁ ପରୀକ୍ଷାଗାରକୁ ଆଣି ପୁଲିସ ମୃତ ଲୋକର ଫଟୋ ଦେଖାଇବ ବା ତା'ର କଣ୍ଠସ୍ୱରର ରେକର୍ଡ଼ ଶୁଣାଇବ । ଯଦି ଅଭିଯୁକ୍ତ ମୃତ ବ୍ୟକ୍ତିକୁ ଆଗରୁ ଦେଖିଥିବ ବା ତା'ସଂପର୍କରେ ଆସିଥିବ ତେବେ ତା' ମସ୍ତିଷ୍କ ସେହି ଧରଣର ପ୍ରତିକ୍ରିୟା ପ୍ରକାଶ କରିବ । ସେହି ପରିବର୍ତ୍ତନକୁ ସ୍କାନିଂ ମେସିନ୍ ମାଧ୍ୟମରେ ଜାଣିହେବ ଓ ସେ ମୃତ ଲୋକ ସଂସ୍ପର୍ଶରେ ଆସିଥିଲା କି ନା ଜାଣିହେବ । ଏବେ ପ୍ରଶ୍ନ ଉଠିବ ଯେ ଅଦାଲତ କ'ଣ ଉପରୋକ୍ତ ଶ୍ରେଣୀର ପରୀକ୍ଷାଗୁଡ଼ିକୁ ପ୍ରମାଣ ଭାବେ ସ୍ୱୀକୃତି ଦିଅନ୍ତି !

ଆଇନ ବିଶାରଦମାନଙ୍କ ମତରେ, ଅଦାଲତ ଏହାକୁ ସ୍ୱୀକୃତି ଦେବେ ନାହିଁ । କିନ୍ତୁ ଏହି ସବୁ ପରୀକ୍ଷା ତଦନ୍ତକାରୀଙ୍କୁ ଅନ୍ୟ ବାଟରେ ସାହାଯ୍ୟ କରେ । ଉଦାହରଣ ସ୍ୱରୂପ ଜଣେ ଅପରାଧୀ ନାର୍କୋ ଆନାଲିସିସ୍‌ରେ ସେ ମାରଣାସ୍ତ୍ର ଲୁଚାଇଥିବା ସ୍ଥାନ ବିଷୟରେ ପ୍ରକାଶ କଲେ ପୁଲିସ ମାରଣାସ୍ତ୍ରକୁ ଉଦ୍ଧାର କରି ପାରିବ । ଅଦାଲତ ସେ ପରୀକ୍ଷାକୁ ସ୍ୱୀକୃତି ନଦେଲେ ମଧ୍ୟ ମାରଣାସ୍ତ୍ରକୁ ଅପରାଧୀ ବିରୋଧରେ ଏକ ପ୍ରମାଣ ରୂପେ ନିଶ୍ଚୟ ଗ୍ରହଣ କରିବେ ।

କିନ୍ତୁ କେତେକ ଅପରାଧ ବିଶେଷଜ୍ଞ ମତ ଦିଅନ୍ତି ଯେ ଅପରାଧ ସହିତ ବହୁ ଦିନରୁ ସଂପୃକ୍ତ ଥିବା ଲୋକମାନଙ୍କ ଉପରେ ନାର୍କୋ ଆନାଲିସିସ୍ ସେତେଟା କାମ କରେ ନାହିଁ । ସେମାନେ ଚେଷ୍ଟାକରି ନିଜ ମନକୁ ନିୟନ୍ତ୍ରଣ କରି ନିଅନ୍ତି । ମାନବାଧିକାର ଦୃଷ୍ଟିକୋଣରୁ ମଧ୍ୟ ଏଭଳି ପ୍ରୟୋଗର ଏକ ବାଧା ରହିଛି । ଭାରତୀୟ ସଂବିଧାନର ଧାରା - ୪୦ରେ ଉଲ୍ଲେଖ ଅଛି ଯେ କୌଣସି ବ୍ୟକ୍ତିକୁ ତା'ଇଚ୍ଛା ବିରୋଧରେ ନିଜ ବିପକ୍ଷରେ ସାକ୍ଷ୍ୟ ଦେବାକୁ ବାଧ୍ୟ କରାଯାଇ ପାରିବ ନାହିଁ । ତେଣୁ ଅପରାଧୀ ଉପରେ ନାର୍କୋ ଆନାଲିସିସ୍ ବା ଲାଇ ଡିଟେକ୍ଟର ପ୍ରୟୋଗ କରିବା ପୂର୍ବରୁ ପୁଲିସ ତା'ର ଲିଖିତ ଅନୁମତି ହାସଲ କରିବା ଆଇନ ରହିଛି । କିନ୍ତୁ ଅଧିକାଂଶ ସମୟରେ ଏହାର ଉଲଂଘନ କରାଯାଉଛି ବୋଲି ମାନବାଧିକାର ସୁରକ୍ଷା କର୍ମକର୍ତ୍ତାମାନେ ଅଭିଯୋଗ କରନ୍ତି । ତେବେ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ସେପରି କରିବା ଅନ୍ୟାୟ ନୁହେଁ ବୋଲି ମଧ୍ୟ କେତେକ ଯୁକ୍ତି କରନ୍ତି । ସେହିପରି ନିକଟ ଭବିଷ୍ୟତରେ ଅପରାଧୀଙ୍କୁ ଜେରା କରାଯିବାର ଉପରୋକ୍ତ ପ୍ରଣାଳୀଗୁଡ଼ିକୁ ଅଦାଲତ ମଧ୍ୟ କ୍ରମଶଃ ସ୍ୱୀକୃତି ଦେବେ ବୋଲି କେତେକ ଆଇନ ବିଶାରଦ ଆଶାବ୍ୟକ୍ତ କରନ୍ତି । ତେବେ ଯାହା ହେଉନା କାହିଁକି ନାର୍କୋ ଆନାଲିସିସ୍, ପଲିଗ୍ରାଫ ଓ ବ୍ରେନ ମ୍ୟାପିଂରୁ ଯେଉଁ ସୂତ୍ର ମିଳିଥାଏ ଏହା ତଦନ୍ତ ପାଇଁ ଅତ୍ୟନ୍ତ ମୂଲ୍ୟବାନ ଓ ଉପଯୋଗୀ ସାବ୍ୟସ୍ତ ହୋଇଥାଏ।

*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍,*
*ପୁରୀଘାଟ ରୋଡ଼, କଟକ,*
*ଦୂରଭାଷ : ୯୧୩୨୪୩୩୩୩୩*

# କଟକର ରିଂ ବନ୍ଧ

ଆମ କଟକ, ହଜାର ବର୍ଷର ମହାନଗରୀ ଅଭିନବ ବାରଣାସୀ କଟକ। ଏପରି ଅନେକ ଗୌରବମୟ ପରିଚିତିକୁ ନେଇ ଆମ ସହର ଗୌରବାନ୍ୱିତ। କଟକର ରିଂ ବନ୍ଧ ବୋଇଲେ ମହାନଦୀ କୂଳ ପଟ ଓ କାଠଯୋଡ଼ି କୂଳପଟକୁ ବୁଝାଏ। ଅନେକ ହୁଏତ ଜାଣିନଥିବେ ମଧ୍ୟପ୍ରଦେଶର ବସ୍ତର ଜିଲ୍ଲାରୁ ମହାନଦୀ ତାର ଯାତ୍ରା ଆରମ୍ଭ କରି ପାଖାପାଖି ଆଠଶହ କିଲୋମିଟର ଅତିକ୍ରମ ପରେ ନରାଜ ଠାରେ ଦୁଇଭାଗ ହୋଇ ଦକ୍ଷିଣ ପଟେ ଏହାର ଶାଖା କାଠଯୋଡ଼ି ଏବଂ ମହାନଦୀ-କାଠଯୋଡ଼ିର ଗୋଜିଆ ବିଭକ୍ତ ସ୍ଥଳ ଯାହାକୁ ଆମ ଓଡ଼ିଆ ଭାଷାରେ ନାଶୀ ଭାବେ ବୁଝାଯାଏ ସମ୍ଭବତଃ ଏହା ହେଲା 'ବିଡ଼ାନାସୀ'ରେ। ଓଡ଼ିଶାର ଭାଗ୍ୟଧର ଭାବେ ସୋମବଂଶୀ ରାଜା ମାନଙ୍କୁ ବୁଝାଏ। ଭୌମଙ୍କର ବଂଶର ରାଜତ୍ୱ ପରେ ଦଶମ ଶତାବ୍ଦୀରୁ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଏହି ସମୟକୁ ଐତିହାସିକମାନେ କେଶରୀ ବଂଶ ବୋଲି ଲିପିବଦ୍ଧ କରିଛନ୍ତି। ଇତିହାସର ତଥ୍ୟ ଯାହା ବର୍ଣ୍ଣନା କରେ କୀର୍ତ୍ତିମାନ ଓ ସାହାସୀ, ପ୍ରବଳ ପରାକ୍ରମୀ ଥିଲେ ସୋମବଂଶର ଏହି କେଶରୀମାନେ। ନୃପକେଶରୀ ଆଜି କଟକ ବାସୀଙ୍କ ପାଇଁ ଜଣେ ପ୍ରାତଃ ସ୍ମରଣୀୟ ଓ ସମ୍ମାନନୀୟ ବ୍ୟକ୍ତିତ୍ୱ। ନୃପକେଶରୀ ମହାନଦୀର କାଠଯୋଡ଼ିର ଉର୍ବର ତ୍ରିକୋଣ ଭୂମିରେ କଟକ ସହର ଗଢ଼ିଥିଲେ। ତୃତୀୟ ଅନଙ୍ଗଭୀମ ଦେବ ଖ୍ରୀଷ୍ଟାବ୍ଦ ୧୨୧୧-୧୨୩୮ ବାରବାଟୀ ଦୁର୍ଗ ପ୍ରତିଷ୍ଠା କରିଥିଲେ। ପରବର୍ତ୍ତୀ ସମୟରେ ଏହା ଅଭିନବ ବାରଣାସୀ ଭାବେ ନାମିତ ହେଲା। ଓଡ଼ିଶାର ସିଂହାସନରେ କପିଳେନ୍ଦ୍ର ଦେବ ଶାସନ ଆରମ୍ଭ କରିଥିବା ସମୟର ତଥ୍ୟ ତାମ୍ର ଶାସନରୁ ଜଣାପଡ଼େ। ଏହି ସମୃଦ୍ଧମୟ ଓ ବିପୁଳ ସୌନ୍ଦର୍ଯ୍ୟରେ ଭରପୁର ସହରକୁ ପରବର୍ତ୍ତୀ ସମୟରେ ମୋଗଲ, ଆଫଗାନ, ମରହଟ୍ଟା ଓ ସର୍ବଶେଷରେ ଶାସନ ଭାର ପାଇଁ ଆସିଥିଲେ ଗୋରା ଇଂରେଜ ଶାସକ।

ତେବେ କଟକ ସହର ପାଇଁ ବର୍ଷା ସମୟରେ କାଠଯୋଡ଼ି ଓ ମହାନଦୀ କୂଳ ଲଂଘନ କରି କଟକ ଭିତରେ ଉଦବୃତ୍ତ ବନ୍ୟାଜଳ ଅନେକ କ୍ଷୟକ୍ଷତି କଲା। ମହାନଦୀର ପ୍ରଳୟଙ୍କାରୀ ବନ୍ୟା ଅନେକ କ୍ଷତି କରିବସିଲା। ଏସବୁ ଦୃଷ୍ଟିରେ ରଖି ରାଜା ନୃପମର୍କତ କେଶରୀ ମହାନଦୀ ଓ କାଠଯୋଡ଼ିର କୂଳରେ ପଥର ବନ୍ଧ ତିଆରି ପାଇଁ ଯୋଜନା କଲେ। ତେବେ ଐତିହାସିକ ତଥ୍ୟରେ ଲିପିବଦ୍ଧ ନଥିଲେ ବି ଯାହା ଶୁଣିବା କଥା ସହରକୁ ବନ୍ୟା ଦାଉରୁ ବଞ୍ଚାଇବା ପାଇଁ ବାଇମୁଣ୍ଡୀ ନାମକ ଜଣେ ପୁରୁଖା କଟକର ବାସିନ୍ଦା ମର୍କତ କେଶରୀଙ୍କୁ ଏହି ପଥର ବନ୍ଧର ଯୋଜନା ସମ୍ପର୍କରେ ବିସ୍ତୃତ ପ୍ରସ୍ତାବ ଦେଇଥିଲେ। ଏହା ସେହିଦିନ ଠାରୁ କାଳ କାଳ ପାଇଁ ଲୋକମୁଖରେ କଥା ହୋଇ ରହିଗଲା 'କଟକ ଚିନ୍ତା ବାଇମୁଣ୍ଡିକୁ'। ଏତେବଡ଼ ସହରର ସୁରକ୍ଷା ଦାୟିତ୍ୱକୁ ଜଣେ ସାଧାରଣ ମଣିଷର ପ୍ରସ୍ତାବକୁ ଯଦି ତତ୍କାଳୀନ ମହାରାଜ ମର୍କତ କେଶରୀ ଗୁରୁତ୍ୱ ଦେଇନଥାନ୍ତେ ତେବେ ବର୍ତ୍ତମାନ କଟକ ସହରର ରୂପରେଖ କ'ଣ ହୋଇଥାନ୍ତା ତାହା ସହଜେ ଅନୁମେୟ। ତେବେ ଯାହା ଐତିହାସିକ ତଥ୍ୟରୁ ଆମେ ଜାଣିବାକୁ ପାଉ ପୁରୁଣା ପଥର ବନ୍ଧ କାଠଯୋଡ଼ିର ବାମପାର୍ଶ୍ୱରେ ଚହଟା ଠାରୁ ସତୀଚୌରା, ହରିହରଘାଟ, ଗଣେଶ ଘାଟ, ପୁରୀଘାଟ ଦେଇ ଖାନନଗର ପର୍ଯ୍ୟନ୍ତ ଲମ୍ବିଥିବା ଓ ମହାନଦୀର ଦକ୍ଷିଣ ପାର୍ଶ୍ୱରେ ଚହଟା ଘାଟ ଠାରୁ ଗଡ଼ଗଡ଼ିଆ ଘାଟ, ମାତା ମଠ ହୋଇ ଏହା ଯୋବ୍ରା ପର୍ଯ୍ୟନ୍ତ ଲମ୍ବିଥିଲା। ସେ ସମୟର ଏହି ପଥର ବନ୍ଧ ତିନି ମିଟରରୁ ଛଅ ମିଟର ଉଚ୍ଚ ଓ ଚଉଡା ୧୨୦ ମିଟରରୁ ୧୬୦ ମିଟର ପର୍ଯ୍ୟନ୍ତ ଅତ୍ୟନ୍ତ ସୁଦୃଢ଼ ଭାବେ ରହିଥିଲା। ମାଙ୍କଡ଼ା ପଥର ଓ ହାର୍ଡ ଷ୍ଟୋନ ଏଥିପାଇଁ ସଂଗ୍ରହ କରାଯାଇଥିଲା। ତେବେ ବନ୍ୟା ଜଳକୁ ନଦୀ ମଧ୍ୟକୁ ସ୍ୱାଭାବିକ ଭାବେ ସ୍ରୋତରେ ଯିବା ପାଇଁ ପଥର ବନ୍ଧର କେତେକ ସ୍ଥାନରେ ବୁରୁଜ ତିଆରି କରାଯାଇଥିଲା। ବର୍ତ୍ତମାନ ସମୟକୁ ଟିକେ ଚିନ୍ତା କରି ଟିକେ ଭଲ ଭାବେ ବୁଝିବା ପାଇଁ ଚେଷ୍ଟା କରନ୍ତୁ ଯେ ସେ ସମୟରେ ଆଜିର ସମୟ ପରି କୌଣସି ଆଧୁନିକ ବୈଷୟିକ ନିର୍ମାଣ କୌଶଳର ଜ୍ଞାନ ନଥାଇ ବି ଏହି ବନ୍ଧ ଅତ୍ୟନ୍ତ ସୁଦୃଢ଼, ପ୍ରଶସ୍ତ ଓ ମଜଭୁତ ଥିଲା ଯାହାପାଇଁ ୧୮୮୫ ଖ୍ରୀଷ୍ଟାବ୍ଦରେ ମହାନଦୀରେ ଆସିଥିବା ପ୍ରଳୟଙ୍କାରୀ ଭୟାନକ ବନ୍ୟା କଟକ ସହରର କ୍ଷତି କରିଥିଲା ସତ କିନ୍ତୁ ସେପରି କ୍ଷତି ହୋଇନଥିଲା। ତେବେ କଲିକତାରୁ କ୍ୟାପଟେନ ଜନ୍ ହ୍ୟାରିସ୍ ବାରବାଟୀ ଦୁର୍ଗରୁ ପଥର ସଂଗ୍ରହ କରି ବନ୍ଧ ମରାମତି କରିଥିଲେ। ତେବେ ସମୟର ଆବଶ୍ୟକତାକୁ ଦେଖି ପରବର୍ତ୍ତୀ ସମୟରେ ତାଳଦଣ୍ଡା କେନାଲ, ଦକ୍ଷିଣପୂର୍ବ ରେଳପଥ ଓ ଜାତୀୟ ରାଜପଥ


ବିପିନ ବିହାରୀ ରାଉତ

ଆଦି ନିର୍ମାଣ ହେବାରୁ ଏହି ବନ୍ଧ ଉଭୟ ମହାନଦୀ ଓ କାଠଯୋଡ଼ି ପଟେ ବଢ଼ାଯାଇଛି।

୧୯୫୦ରୁ ୧୯୬୧ ଏହି ସମୟ ବେଳକୁ ମହାନଦୀର ତ୍ରିକୋଣ ଭୂମିରେ ବନ୍ୟାର ଯେଉଁ ଭୟାନକ ଗତିସ୍ରୋତ ଓ ପ୍ରକୋପ ଦେଖା ଦେଇଥିଲା ଏହାକୁ କମାଇବା ପାଇଁ ହୀରାକୁଦ ବହୁମୁଖୀ ନଦୀବନ୍ଧ ଯୋଜନା ଆରମ୍ଭ କରାଗଲା। ତେବେ ଏହା ସେପରି ସଫଳ ନହେବାରୁ ହୀରାକୁଦରୁ ତଳିଆ ଅଞ୍ଚଳକୁ ମହାନଦୀରେ ବନ୍ୟାଜଳ ଭାସି ଆସି ୧୯୮୦ ଓ ୧୯୮୨ରେ ଏହି ତ୍ରିକୋଣ ଭୂମି ଅଞ୍ଚଳରେ ଅଭାବନୀୟ କ୍ଷତି ଘଟାଇଥିଲା। ନରାଜ ଠାରେ ମହାନଦୀର ଜଳ ପ୍ରଭାବ ଅଞ୍ଚଳ ପ୍ରାୟ ୧,୩୨୦,୮୫ ବର୍ଗ କିଲୋମିଟର ହୋଇଥିବାବେଳେ ହୀରାକୁଦ ବନ୍ଧର ତଳିଆ ଅଞ୍ଚଳର ଜଳ ପ୍ରଭାବ ଅଞ୍ଚଳ ହେଉଛି ପ୍ରାୟ ୫୧,୧୬୫ ବର୍ଗ କିଲୋମିଟର।

କଟକ ସହର ପାଇଁ ଏହି ପୁରାତନ ବନ୍ଧ ମଜଭୁତ ହୋଇଥିଲେ ମଧ୍ୟ କେତେକ ସମୟରେ ଏହା ଚହଟା, ଶିଶୁଭବନ, କଲେକ୍ଟେରିଏଟ, ରାଜାବଗିଚା, ସନସାଇନ ପଡ଼ିଆ, ପୁରୀଘାଟ ଓ ଖାନନଗର ପରି ସ୍ଥାନ ମାନଙ୍କରେ ପ୍ରବଳ ବନ୍ୟା ଜଳ ସ୍ରୋତର ସାମାନ୍ୟ ଝରି (ଓଡ଼ିଆ ଭାଷାରେ ଯାହାକୁ ଏକ ପ୍ରକାର ଘଳିଆ କୁହନ୍ତି) ଅନେକ କ୍ଷତି ସୃଷ୍ଟି କରିଥିଲା। ସେହିପରି ମହାନଦୀ ପଟର ଗଡ଼ଗଡ଼ିଆ, ଯୋବ୍ରା ଓ ମାତାମଠ ସ୍ଥାନରେ ମଧ୍ୟ ଏହି ବନ୍ୟା ଜଳର ବିପଦ ଦେଖାଦେଇଥିଲା। ୧୯୮୦ ନରାଜ ଠାରେ ସର୍ବୋଚ୍ଚ ବନ୍ୟାଜଳର ପରିମାଣ ଥିଲା ୭୪,୭୪୨ ଘନ ମିଟର (୧୨,୨୭୨୭୯ ଘନଫୁଟ) ଥିବାବେଳେ ୧୯୮୨ରେ ଏହା ରେକର୍ଡ଼ ଭାଙ୍ଗି ୪୪୭୩ ଘନ ମିଟର (୧୫,୮୦୦୩୧ ଘନ ଫୁଟ ହୋଇଥିବାର) ରେକର୍ଡ଼ ରହିଥିଲୋ। ଅନେକ ଘାଇ ଧନ ଜୀବନର କ୍ଷତି ଘଟାଇଥିଲା। ୧୯୮୨ ବନ୍ୟା ସମୟରେ ଗଡ଼େଶ୍ୱର ମନ୍ଦିର ପାଖରେ ବନ୍ୟାଜଳ ଗଡ଼ଖାଇ ଭିତରକୁ ପ୍ରବେଶ କରିଥିଲା। କଟକ ସହର କହିଲେ ଓଡ଼ିଶାର ସାଂସ୍କୃତିକ ବିଭବ ଓ ବ୍ୟବସାୟିକ ପ୍ରାଣ କେନ୍ଦ୍ର କହିଲେ ଅତ୍ୟୁକ୍ତି ହେବନାହିଁ। ୧୯୫୦ ପର୍ଯ୍ୟନ୍ତ ଓଡ଼ିଶାର ରାଜଧାନୀ ଥିଲା ଏହି କଟକରେ ହାଇକୋର୍ଟ ଠାରୁ ଶିଶୁଭବନ, ବଡ଼ ମେଡ଼ିକାଲ ଠାରୁ ରେଭେନ୍ସା କଲେଜ, ଆକାଶବାଣୀ ଠାରୁ ଦୂରଦର୍ଶନ ପରି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଥିବାରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ୧୯୮୦ ଡିସେମ୍ବର ୧୬ ତାରିଖରେ କଟକ ନଗରର ଦୁଇପଟେ ରିଂ ବନ୍ଧ ପାଇଁ ନିଷ୍ପତ୍ତି ନେଇଥିଲେ। ଏଥି ନିମିତ୍ତ ଯେଉଁ ବୈଷୟିକ ପରାମର୍ଶଦାତା କମିଟି ଗଢ଼ା ଯାଇଥିଲା ସେମାନଙ୍କ ସୁପାରିଶ ଓ ବିଚାର ବିମର୍ଷକୁ ଗ୍ରହଣ କରି ଏହି ବନ୍ଧକୁ ନରାଜ ଠାରେ ୪୨,୪୭୫ ଘନ ମିଟର (୧୫ ଲକ୍ଷ ଘନଫୁଟ) ବନ୍ୟା ଜଳର ଜଳପତ୍ତନ ଠାରୁ ଦୁଇ ମିଟର ଉଚ୍ଚ କରାଯିବାର ସ୍ଥିର କରାଗଲା। ଏହି ବୈଷୟିକ ସୁପାରିଶ କାର୍ଯ୍ୟ ପୁନେ ଠାରେ ଥିବା କେନ୍ଦ୍ରୀୟ ଜଳ ବିଦ୍ୟୁତ ରିସର୍ଚ୍ଚ ସେଣ୍ଟରର ମଡ଼େଲ ଷ୍ଟଡି ଦ୍ୱାରା ଗ୍ରହଣ କରାଯାଇଥିଲା। ମହାନଦୀ ପଟେ ଚହଟା ଠାରୁ ନରାଜ ଓ କାଠଯୋଡ଼ି ପଟେ ହରିହର ଘାଟ ଠାରୁ ନରାଜ ପର୍ଯ୍ୟନ୍ତ ବଢ଼ାଯାଇ ଏହା ଭିତରେ ଥିବା ପ୍ରାୟ ଏକ ହଜାର ହେକ୍ଟର ଜମିକୁ ଉନ୍ନତ କରାଯାଇ କଟକ ସହରର ସୀମା ବଢ଼ାଇବା ପାଇଁ ଯୋଜନା କରାଯାଇଥିଲା। ଦିନକୁ ଦିନ କଟକ ସହରର ଲୋକସଂଖ୍ୟା ଓ ଯାନବାହାନକୁ ଦୃଷ୍ଟିରେ ରଖି ଏହି ରିଂ ରୋଡ଼ର ଚଉଡାକୁ ୬.୭୦ ମିଟର ଭାବେ ଦୁଇଟି ଲେନରେ ତିଆରି ପାଇଁ ବ୍ୟବସ୍ଥା କରାଯାଇଥିଲା। ମହାନଦୀ ପଟେ ଗୋରାକବର ଓ ଗଡ଼ଗଡ଼ିଆ ଠାରୁ ମାତା ମଠ ପର୍ଯ୍ୟନ୍ତ ଓ କାଠଯୋଡ଼ି ପଟେ ଶିଶୁଭବନ କଲେକ୍ଟିରିଏଟ ଓ ଖାନାନଗର ଆଦି ସ୍ଥାନ ମାନଙ୍କରେ ରିଂ ରୋଡ଼ ପାଇଁ ଆବଶ୍ୟକୀୟ ସ୍ଥାନ ନଥିବାରୁ ଏହି ସ୍ଥାନ ମାନଙ୍କରେ ରିଂ ରୋଡ଼କୁ ନଦୀ ଶଯ୍ୟା ଭିତରକୁ ସାମାନ୍ୟ ଭାବେ ନିଆଯାଇଛି। ଏଥିପାଇଁ ମହାନଦୀ ଦକ୍ଷିଣ ଡିଭିଜନକୁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଜଳ ସେଚନ ବିଭାଗ ତରଫରୁ ଜାନୁଆର ୧୯୮୩ରେ କଟକ ଠାରେ କଟକ ଜଳସେଚନ ଡିଭିଜନ ଭାବେ ଏକ ସ୍ୱତନ୍ତ୍ର ଡିଭିଜନ ଖୋଲାଯାଇ ଏହି ଦାୟିତ୍ୱ ତାଙ୍କୁ ପ୍ରଦାନ କରାଯାଇଥିଲା। ତେବେ ରିଂ ରୋଡ଼ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯିବା ପରେ ୧୯୯୦ ଅଗଷ୍ଟ ମାସରେ ଏହାକୁ ପୁଣିଥରେ ମହାନଦୀ ଦକ୍ଷିଣ ଡିଭିଜନ ସହ ମିଶି ଯାଇଛି। ରିଂ ରୋଡ଼ରେ ପଥର ବନ୍ଧ ପାଇଁ ୧୯୮୩ରୁ ୧୯୯୦ ପର୍ଯ୍ୟନ୍ତ ଏହାର ସମୟ ଲାଗିଥିଲା। କାଠଯୋଡ଼ି ପଟକୁ ଦେଖିଲେ ଚହଟାରୁ ପ୍ରେସ ଛକ ପର୍ଯ୍ୟନ୍ତ ୮.୫୦ କିଲୋମିଟର ଲମ୍ବ ଓ ମହାନଦୀ ପଟେ ଚହଟା ଠାରୁ ଗଣ୍ଡରପୁର ପର୍ଯ୍ୟନ୍ତ ୮.୬୦ କିଲୋମିଟର ହେଉଛି ଏହାର ଲମ୍ବ। ଏହା ବ୍ୟତୀତ ବିଡ଼ାନାସୀ ରିଂ ବନ୍ଧ ଯାହା କାଠଯୋଡ଼ି ପଟେ ନରାଜ ଠାରୁ ହରିହର ଘାଟ ପର୍ଯ୍ୟନ୍ତ ୮.୬୦ କିଲୋମିଟର ଓ ମହାନଦୀ ପଟେ ନରାଜ ଠାରୁ ଚହଟା ପର୍ଯ୍ୟନ୍ତ ୭.୫୦ କିଲୋମିଟର ଲମ୍ବ ନିର୍ମାଣ କାର୍ଯ୍ୟ ହୋଇଛି। ଏହା ବ୍ୟତୀତ ବିଶ୍ୱ ବ୍ୟାଙ୍କର ସହାୟତାରେ ଦୁଇଟି ନୂତନ ବ୍ୟାରେଜ ତିଆରି କରାଯାଇ ତ୍ରିକୋଣ ଭୂମି ଅଞ୍ଚଳର ଜଳସେଚନ ବ୍ୟବସ୍ଥାକୁ ସୁଦୃଢ଼ ଓ ନିର୍ଭର ଯୋଗ୍ୟ କରାଯାଇଛି। ରିଂ ରୋଡ଼ର ଅନେକ ସ୍ଥାନରେ ମୁଖ୍ୟ ରାସ୍ତା ସହିତ ସଂଯୋଗ ରହିଛି। ସେ ସମୟରେ ଏହାର ବ୍ୟୟ ଅଟକଳ ଥିଲା ୧୨୯୯.୭୩ ଲକ୍ଷ ଟଙ୍କା। ଓ ବିଡ଼ାନାସୀ ରିଂ ବନ୍ଧ ପାଇଁ ୨୪୮.୮୮ ଲକ୍ଷ ଟଙ୍କା। ବର୍ତ୍ତମାନ ବିଡ଼ାନାସୀ ରିଂ ବନ୍ଧର ଉନ୍ନୟନ କାର୍ଯ୍ୟ କଟକ ଡେଭଲପମେଣ୍ଟ ଅଥରିଟିକୁ ଦିଆଯାଇଛି। ତେବେ ରିଂ ରୋଡ଼ ତିଆରି ହେବା ପରେ ପରବର୍ତ୍ତୀ ସମୟରେ କଳେବର ବଡ଼ା ହେବା ସହ ମରାମତି ଓ ରକ୍ଷଣା ବେକ୍ଷଣ ମଧ୍ୟ କରାଯାଇଛି। କଟକର ରିଂ ବନ୍ଧର ସୁରକ୍ଷା ବିପନ୍ନ ହେଲେ ସହରର ସୁରକ୍ଷା ବିପନ୍ନ ହେବା ସ୍ୱାଭାବିକ। ହଜାରେ ବର୍ଷର ସମୃଦ୍ଧ ଏହି କଟକର ରିଂ ବନ୍ଧ ଆମ ଗର୍ବ, ଗୌରବ ଓ ପରିଚୟ। ତେଣୁ ବର୍ତ୍ତମାନ ସମୟରେ ସେହି କଟକ ଚିନ୍ତା ବାଇମୁଣ୍ଡିକୁ ଟିକିଏ ବିଚାର କଲେ ଆମ ସହରର ଭାଇଚାରା ଓ ଗର୍ବ ଗୌରବର ଗାଥାର ମୁଖସାକ୍ଷୀ ହେଉଛି ଏହି ରିଂ ରୋଡ଼।

ଶ୍ରୀବିହାର କଲୋନୀ, କଟକ

# ଓଡିଆ ଭାଷାର ଉତ୍ପତ୍ତି ଓ ବିକାଶ

'ଉଡିୟା ଏକଟା ସ୍ୱତନ୍ତ୍ର ଭାଷା ନଏ'- ଏକଥା ଜଣେ ବଙ୍ଗୀୟ ବୁଦ୍ଧିଜୀବୀ କହିଥିଲେ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ। ଏକବିଂଶ ଶତାବ୍ଦୀକୁ ସ୍ୱାଗତ କଲାବେଳେ ଏକ୍ସପ୍ରେସ୍ ପବ୍ଲିକେଶନ୍ ତରଫରୁ ଯେଉଁ ମିଲେନିୟମ୍ ବୁକ୍ ପ୍ରକାଶିତ ହେଲା, ସେଥିରେ ଜଣେ ତାମିଲ୍ ପତ୍ରକାର ଲେଖିଥିଲେ, "ଓଡ଼ିଆ ଭାଷା ବଙ୍ଗ ଭାଷାର ସାନ ଭଉଣୀ"। ଏ ଉଭୟ ଅପ୍ରସ୍ତୁତ ହୋଇଛନ୍ତି ନିଜ ନଜ ସ୍ଥିତିରେ। ପ୍ରଥମ ମତଟି ଭାଷାତତ୍ତ୍ୱବିଦ୍ ଗବେଷକମାନଙ୍କ ଦ୍ୱାରା ଆନ୍ତର୍ଜାତୀୟ ସ୍ତରରେ ନାକଚ ହୋଇଛି ଏବଂ ଦ୍ୱିତୀୟ ମତଟିର ଦାୟିତ୍ୱହୀନ ପରିପକ୍ୱତା ସକାଶେ ସଂପୃକ୍ତ ପ୍ରକାଶକ କ୍ଷମା ମାଗିଥିଲେ। କିନ୍ତୁ ସତକଥା ଟି ପ୍ରକୃତରେ ରହିଛି ଉନବିଂଶ ଶତାବ୍ଦୀର ଗବେଷଣା ଭିତରେ। ସେଇ ଗ୍ରନ୍ଥଟି ହେଲା "Beam's Compartive Grammer oF Four Languages"। ସେଥିରୁ କିଛି ଉଦ୍ଧୃତି କରି ଓଡିଆ ଭାଷାକୁ ନାକ ଟେକୁଥିବା ଓଡିଆ ଶିକ୍ଷିତଙ୍କ ଜ୍ଞାନବୃଦ୍ଧି ପାଇଁ ନିମ୍ନରେ ଉଲ୍ଲେଖ କରୁଛି। "At a period when oriya was already a fixed and settled language, Bengali did not exist. The Bengalis spoke a vast variety of corrupt forms of eastern Hindi. It is not till quite recent times that we find anything that can with propriety be called a Bengali language. Oriya must have quite completed its transformation by the end of the 14th century. Bengali was no separate independent language but a maze of dialects without a distinct national or provincial type till the 17th or beginning of the 18th century.

ଖ୍ରୀଷ୍ଟଜନ୍ମ ବେଳକୁ ଓଡ୍ର ବିଭାଷା ନାମରେ ସ୍ୱୀକୃତ କଥିତ ଭାଷାଟି ୭ମ ଶତାବ୍ଦୀ ବେଳକୁ ସ୍ପଷ୍ଟ କଥିତ ଓଡିଆ ଭାଷାରେ ପରିଣତ ହୋଇ ସାରିଥିଲା। ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ନେପାଳରୁ ଯେଉଁ ଚମତ୍କାର ପାଣ୍ଡୁଲିପିଟି ଆବିଷ୍କାର କଲେ, ତାହା ହେଉଛି "ବୌଦ୍ଧ ଗାନ ଓ ଦୋହା"। ବଙ୍ଗାଳୀମାନେ ଏହାକୁ ବଙ୍ଗ ଭାଷାର ପ୍ରାଚୀନ ସାହିତ୍ୟ ବୋଲି ଦାବୀ କରିଥିଲେ ମଧ୍ୟ ଏହି ପାଣ୍ଡୁଲିପିର ବିସ୍ତୃତ ଭାଷାତାତ୍ତ୍ୱିକ ପରୀକ୍ଷଣ ହୋଇ ପ୍ରତିପାଦିତ ହେଲାଯେ, ଏହା ପ୍ରକୃତରେ ୭ମ ଶତାବ୍ଦୀରେ ସଂଗଠିତ ହୋଇ ସାରିଥିବା ଓଡିଆ ଭାଷା। ଏ ସବୁ ତଥ୍ୟ ୧୯୩୧ ରେ ପ୍ରକାଶିତ 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ' (୧ମ ଖଣ୍ଡ)ର ଅବତରଣିକାରେ ଏକ ଗବେଷଣା ପ୍ରବନ୍ଧ ସଦୃଶ ଉଲ୍ଲେଖ କରାଯାଇଛି। କିନ୍ତୁ ସ୍ୱାଧୀନତା ପରେ ଓଡ଼ିଆ ଛାତ୍ରଙ୍କୁ ପ୍ରଥମ ଶ୍ରେଣୀରୁ ବି.ଏ ଶ୍ରେଣୀ ପର୍ଯ୍ୟନ୍ତ କେଉଁ ପୁସ୍ତକରେ ନିଜ ଭାଷାର ପ୍ରକୃତ ଇତିହାସ ବିଷୟରେ ଧାରଣା ଦିଆଯାଇ ନାହିଁ। ସଂପୃକ୍ତ ବୋର୍ଡ ଓ ବିଶ୍ୱବିଦ୍ୟାଳୟମାନେ ଓଡିଆ ଭାଷାର ଉତ୍କର୍ଷ ପ୍ରତିପାଦନ କରିବା ଦିଗରେ ପାଠ୍ୟକ୍ରମ ଭିତରେ କୌଣସି ଯତ୍ନ କରି ନାହାନ୍ତି। ଏଇଟା ବୋଧହୁଏ ଏକବିଂଶ ଶତାବ୍ଦୀର ପ୍ରାକ୍‌କାଳରେ ଓଡିଶା ପ୍ରଦେଶର ସର୍ବପ୍ରଥମ ଦୁଃଖ। ଭାଷା ସଂସ୍କୃତିର ବାହକ। ଓଡିଆ ଭାଷା ଉତ୍କ ସଂସ୍କୃତିର ବିଶେଷତ୍ୱ ବହନ କରି "ମାଗଧୀ ପ୍ରାକୃତରୁ" ଉତ୍ପନ୍ନ


ଉମାଶଙ୍କର ପ୍ରସାଦ

ହୋଇଥିବା କଥା ଭାଷାତତ୍ତ୍ୱବିଦ୍ ମାନଙ୍କ ମତ। ପ୍ରାକୃତ ଶବ୍ଦର ଅର୍ଥ ପ୍ରକୃତି ବା ପ୍ରଜା ସାଧାରଣଙ୍କ ଭାଷା। ଅର୍ଥାତ ଖ୍ରୀ. ପୂ ୫୦୦ରୁ ଖ୍ରୀଷ୍ଟୀୟ ୧୦୦୦ ମଧ୍ୟରେ କେବଳ ମାଗଧୀ ପ୍ରାକୃତ ନୁହେଁ, ମହାରାଷ୍ଟ୍ର ଅଞ୍ଚଳରେ ମହାରାଷ୍ଟ୍ରୀ, ଶୁରସେନ୍ (ମଥୁରା, ଦିଲ୍ଲୀ, ବୃନ୍ଦାବନ) ଅଞ୍ଚଳରେ ଶୌରସେନୀ, ମଗଧ (ବିହାର ଓ ତନ୍ନିକଟବର୍ତ୍ତୀ ରାଜ୍ୟ) ଅଂଚଳରେ ମାଗଧୀ, ଏବଂ ପ୍ରାଚ୍ୟ ଅବନ୍ତିକା, ଦାକ୍ଷିଣାତ୍ୟ, ବାହ୍ଲିକା, ସାବରୀ, ଦ୍ରାବିଡ଼ୀ, ଆଭୀରୀ, ଚାଣ୍ଡାଳୀ ଓ ପୈଶାଚୀ ଇତ୍ୟାଦି ବହୁବିଧ ପ୍ରାକୃତ ଭାଷା ଭାରତରେ ପ୍ରଚଳିତ ଥିଲା। କିନ୍ତୁ ଶିଷ୍ଟ, ସାଧୁ ସନ୍ଥଙ୍କ ଭାଷା ଥିଲା ସଂସ୍କୃତ। ସଂସ୍କୃତରେ ଅଜସ୍ର କାବ୍ୟ ଶାସ୍ତ୍ର ଲେଖାଗଲା ସତ କିନ୍ତୁ ତାହା ଜନସାଧାରଣଙ୍କ କଥିତ ଭାଷାରେ ସ୍ଥାନ ପାଇପାରିଲା ନାହିଁ। ଏହା ସତ୍ତ୍ୱେ କଥିତ ଭାଷାର ଧାରା ନିରବଚ୍ଛିନ୍ନଭାବେ ପ୍ରବାହିତ ହୋଇ ସଂସ୍କୃତଠାରୁ ଦୁରେଇଗଲା ଏବଂ ଧର୍ମ ପ୍ରଚାର, ସାହିତ୍ୟ ଓ ଶାସନର ମାଧ୍ୟମ ହୋଇ ସ୍ୱତନ୍ତ୍ର ଭାବେ ବିକଶିତ ହେବାକୁ ଲାଗିଲା। ତାହାଲେ ମନରେ ପ୍ରଶ୍ନ ଉଠେ କ'ଣ ଉପରୋକ୍ତ ପ୍ରାକୃତ ଭାଷାଗୁଡିକ ସଂସ୍କୃତରୁ ଉତ୍ପନ୍ନ ଏବଂ ସବୁ ପ୍ରାକୃତ ଭାଷାରୁ ଭାରତର ବିଭିନ୍ନ ଭାଷାର ଉତ୍ପତ୍ତି ? କିନ୍ତୁ ଏପରି ଧାରଣା ଠିକ୍ ନୁହେଁ ବୋଲି ଭାଷାବିଦ୍ ମାନଙ୍କ ମତ। କାରଣ ସଂସ୍କୃତ ଓ ପ୍ରାକୃତ ପରି ପୃଥିବୀର ସବୁ ଭାଷାର ପ୍ରାରମ୍ଭରେ ଦୁଇ ଦଇଟି ଧାରା ବିକଶିତ ହେବାର ଲକ୍ଷ କରାଯାଏ। ଗୋଟିଏ ଭାଷା ପୌରୁଷବ୍ୟଞ୍ଜକ ହେବାବେଳକୁ ଅପରଟି ସ୍ତ୍ରୀ ଜନୋଚିତ ଅଥଚ କମନୀୟତା ପୂର୍ଣ୍ଣ ହୋଇଥାଏ। ପ୍ରଥମଟିରେ ବ୍ୟଞ୍ଜନ ବର୍ଣ୍ଣର ଆଧିକ୍ୟ ଦେଖାଇଥିବା ସମୟରେ ଅନ୍ୟଟିରେ ସ୍ୱରବର୍ଣ୍ଣ ପ୍ରାଧାନ୍ୟ ଦେଖାଯାଇଥାଏ। ଭାଷାତତ୍ତ୍ୱବିତ୍ ମାକ୍‌ସମୁଲାର ସାହେବଙ୍କ ମତରେ " ପ୍ରାକୃତ ସଂସ୍କୃତଂ ତତ୍ର ଭବଂ ତତ୍ ଆଗତଂ ବା ପ୍ରାକୃତଂ "। ଅର୍ଥାତ ସଂସ୍କୃତ ପରେ ପ୍ରାକୃତ ଏବଂ ପ୍ରାକୃତର ଭିନ୍ନ ଭିନ୍ନ ରୂପ ହେଲା ଆଧୁନିକ ଭାଷା ସମୂହ। କିନ୍ତୁ ଅନେକଙ୍କ ମତରେ , ପ୍ରାକୃତ ଭାଷା ଗୁଡିକ ସଂସ୍କୃତରୁ ଉତ୍ପନ୍ନ ନହୋଇ ଲୋକମୁଖର ଭାଷାରୁପେ ସଂସ୍କୃତ ସହିତ ସମତାଳରେ ଗତି କରିଥାଏ। ସମାଜର ଉଚ୍ଚ ଶିକ୍ଷିତ, ବୁଦ୍ଧିଜୀବୀ ଏବଂ ସାଧୁସନ୍ଥଙ୍କ ଭାଷା ସଂସ୍କୃତ ହେଲାବେଳକୁ ନିମ୍ନ ଶ୍ରେଣୀର ଲୋକ ଓ ଚାକର ବାକରଙ୍କର ଭାଷା ପ୍ରାକୃତ ରୁପେ ପରିଚିତ ହୁଏ। ସେହି ପ୍ରାକୃତ ଭାଷା ଗୁଡିକରେ ଭାବପ୍ରକାଶ ଉପଯୋଗୀ ଶବ୍ଦାବଳୀର ଅଭାବ ଘଟିବାରୁ ପରେ ପରେ ସଂସ୍କୃତରେ ଯଥେଷ୍ଟ ଶବ୍ଦ ସମ୍ଭାର ସୃଷ୍ଟି କରିବାକୁ ପଡିଲା। ଏପରି ସ୍ଥଳେ ପ୍ରାକୃତକୁ ପ୍ରକୃତି ଅଥବା ଜନସାଧାରଣଙ୍କ ନିଜସ୍ୱ ଏବଂ ମୁଳଭାଷା ରୂପେ ଗ୍ରହଣ କରି ସଂସ୍କୃତକୁ (Refind Language) ତାର ପରବର୍ତ୍ତୀ ମାର୍ଜିତ ଭାଷା ବୋଲି କେତେକ ମତ ଦେଇଥାନ୍ତି। ବୈଦିକ ଭାଷା ହେଉ ଅଥବା ପ୍ରାକୃତ ଭାଷା ହେଉ କୌଣସି ଗୋଟିକର ମାର୍ଜିତ ଭାଷା ହେଲା ସଂସ୍କୃତ। କିନ୍ତୁ ଅନେକ ଭାଷାବିତ୍ ଙ୍କ ମତରେ ଭିନ୍ନତା ଦେଖା ଯାଇଥାଏ। ସେମାନେ ପାଲିକୁ ଉଚ୍ଚାସନ ଦେବାକୁ ଯାଇ ତାକୁ ସଂସ୍କୃତରେ ପ୍ରଥମ ସନ୍ତାନରୂପେ ଅଭିହିତ କରିଥାନ୍ତି। ସେମାନେ ମତ ଦେଇ କହନ୍ତି ସଂସ୍କୃତରୁ ପାଲି ଏବଂ ପାଲିରୁ ପରବର୍ତ୍ତୀ ଯୁଗରେ ବିଭିନ୍ନ ଭାରତୀୟ ଭାଷା ଜନ୍ମ ନେଇଥିଲା। ଦିନ ଥିଲା, ଯେତେବେଳେ ପାଲିଥିଲା ମଗଧ ତଥା ତନ୍ନିକଟବର୍ତ୍ତୀ ପଲୀର ଭାଷା। ବୁଦ୍ଧଦେବ ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀରେ ଏହି ପାଲିଭାଷାରେ ସ୍ୱଧର୍ମ ପ୍ରଚାର କରିଥିଲେ। ବୌଦ୍ଧମାନଙ୍କ ମତରେ ଆଦିକଳ୍ପ ଯୁଗରେ ବ୍ରହ୍ମାଙ୍କ ମୁଖରୁ ଏହିଭାଷା ଉଦ୍ ଗତ ହୋଇଥିଲା। ଅଶୋକଙ୍କ ସମୟରେ ସାରା କଳିଙ୍ଗରେ ମଧ୍ୟ ଏହି ଭାଷା ଥିଲା। ତାହାଲେ ଏଥିରୁ କଣ ଅନୁମାନ କରାଯାଇ ପାରେ ପାଲି ପ୍ରାକୃତରୁ ଓଡିଆ ଭାଷାର ଉତ୍ପତ୍ତି। କିନ୍ତୁ ଏହି ଧାରଣା ମଧ୍ୟ ନିଶ୍ଚିତ ନୁହେଁ। ଭାଷା ବିଜ୍ଞାନୀମାନଙ୍କ ମତରେ ଏକ ସମୟରେ ସଂସ୍କୃତ ସମଗ୍ର ଆର୍ଯ୍ୟାବର୍ତ୍ତରେ ପ୍ରଚଳିତ ଥିଲା ଏବଂ ଭାରତର ଅନ୍ୟାନ୍ୟ ଅଞ୍ଚଳରେ ସାଧାରଣ ଲୋକଙ୍କ ଦ୍ୱାରା ପାଲି, ମାଗଧୀ, ଦ୍ରାବିଡ଼ୀ, ଆବନ୍ତିକା, ଦାକ୍ଷିଣାତ୍ୟ ଇତ୍ୟାଦି ଆଞ୍ଚଳିକ ବିଶେଷତ୍ୱ ରକ୍ଷାକରି ବିକଶିତ ଏବଂ ବିବର୍ଦ୍ଧିତ ହେବାକୁ ଲାଗିଲା। ପ୍ରାକୃତ ଭାଷା ଗୁଡିକର ବିକାଶ ସଙ୍ଗେ ସଙ୍ଗେ ଉତ୍ତର ଖଣ୍ଡର ଆର୍ଯ୍ୟମାନଙ୍କ ଆଗମନ ସଂବନ୍ଧରେ ଓଡିଶାରେ ବସତି ସ୍ଥାପନ କରିଥିବା ସମ୍ଭବପର। ଆର୍ଯ୍ୟମାନଙ୍କ ଆଗମନ ସଂବନ୍ଧରେ ନିର୍ଦ୍ଦିଷ୍ଟ ତାରିଖ ଜଣାନଗଲେ ମଧ୍ୟ ଖ୍ରୀ.ପୂ ୩ୟ ଶତାବ୍ଦୀ ବେଳକୁ ଏ ଦେଶରେ ଯେ ଆର୍ଯ୍ୟବସତି ହୋଇସାରିଥିଲା ଏହା ନିଃସନ୍ଦେହ। କାରଣ ଖ୍ରୀ.ପୂ ୩ୟ ଶତକରେ ରଚିତ ମନୁସଂହିତାରେ ମନୁ ଉଡ୍ରମାନଙ୍କୁ ବ୍ରାତ୍ୟ ବା ପତିତ କ୍ଷତ୍ରିୟ ବୋଲି ଅଭିହିତ କରିଛନ୍ତି। ଦ୍ରାବିଡ ପ୍ରଭାବିତ ଅନାର୍ଯ୍ୟ ମାନଙ୍କ ଦ୍ୱାରା ଅଧ୍ୟୁଷିତ ହୋଇଥିବାରୁ ବୋଧହୁଏ ଏଠାକାର ଆର୍ଯ୍ୟମାନଙ୍କୁ ଏପରି କୁହା ଯାଇଥିଲା। ଠିକ୍ ସେହି ସମୟରୁ ଅନେକାନେକ ଦ୍ରାବିଡ ତଥା ଆଦିବାସୀ ଶବ୍ଦ ଓଡିଆ ଭାଷାର ଶବ୍ଦ ଭଣ୍ଡାରକୁ ସମୃଦ୍ଧ କରିଆସିଛି। ତାମିଲ ଶବ୍ଦ ଓର, ଆଣି (ଚେହେରା), ଆରିସେ (ଚାଉଳ) ପାଞ୍ଚି (ବାହାଲୁଗା) ଚୁଆ (ଛୋଟ ଜଳାଶୟ) ତୋଟେମ (ତୋଟା), ତେଲଗୁ ଭାଷାର ଅଗାଡ଼ି, କାତ, ତରଓ୍ୱଣି (ତୋରାଣି), ପଲମ୍ପୁ, (ପଲମ), ବେଣ୍ଡି (ବେଣ୍ଟ) ଗିନ୍ନେ (ଗିନା), ଡିବି ମାଲୟମ ଶବ୍ଦରେ କାଞ୍ଜି, ପୋଡୁଅ, କୁରୁଖ ବା ଓରାଓଁ ଭାଷାର କୁଟା, ଡିଙ୍କି , ଢୋଲକି, ଢୋକ, ଚାଳି ଟାଙ୍ଗରା, ପଡା (ଘର) ଗଣ୍ଡ ଭାଷାର କଇଁଆ, ଘୁଷୁରା (ଘୁଷୁରି), ସାନ୍ତାଳି ଭାଷାର ଅଝଟ, ଅରମୁ, ଡହଲ (ଡାହାଳ କୁକୁର), ବାଟି (ପାତ୍ର), ଡିପ, ତାଟିଆ, ବତର, ଭଣ୍ଡୁର, ଶବର ଭାଷାର ଓମଡା (ଅମଡା) କିଣ୍ଡୋ (ଜଡାକାଣ୍ଡି), କୁଣ୍ଡେଇ, ଜୋଡ (ଝରଣା) ଇତ୍ୟାଦି ଅଂସଖ୍ୟ ଦ୍ରାବିଡ ତଥା ଆଦିବାସୀ ଭାଷା ସଂପ୍ରଦାୟର ଶବ୍ଦ ଆମ ଭାଷାରେ ପ୍ରମୁଖ ସ୍ଥାନ ଗ୍ରହଣ କରିଛି। ଏ ସବୁ ସତ୍ତ୍ୱେ ଓଡିଶା ତାର ସ୍ୱାତନ୍ତ୍ର୍ୟ ରକ୍ଷା କରିବାକୁ ଯାଇ ଖ୍ରୀ.ପୂ ୨ୟ, ୩ୟ ଶତାବ୍ଦୀରେ ସୃଷ୍ଟିକଲା 'ଉଡ୍ର' ଭାଷା ଯାହାକି ପରେ ଉଡ୍ର ବା ବିଭାଷା ଅପଭାଷା ନାମରେ ନାମିତ ହେଲା। ଏଥିରୁ ସ୍ପଷ୍ଟ ଜଣାଯାଏ ଯେ, ଆର୍ଯ୍ୟମାନେ ପୂର୍ବର ସେହି ପାଲି ପରିବର୍ତ୍ତେ ଉଡ୍ର ବିଭାଷାର ପ୍ରଚଳନ କଲେ। ଆର୍ଯ୍ୟମାନେ ଶବର , ଦ୍ରାବିଡ ମାନଙ୍କ ସହିତ ମିଳିମିଶି ସେମାନଙ୍କ ଭାଷା ରାଜ୍ୟରୁ ଯଥେଷ୍ଟ ଶବ୍ଦ ସଂଗ୍ରହ କରି ଉଡ୍ର ବିଭାଷାକୁ ସମୃଦ୍ଧ କଲେ। ଖ୍ରୀଷ୍ଟପୂର୍ବ ୪୦୦ ବା ମତାନ୍ତରେ ୨୦୦ ରେ ଭରତ ମୁନି ତାଙ୍କ ନାଟ୍ୟ ଶାସ୍ତ୍ରରେ ଏହାକୁ ମୁଖ୍ୟ ଭାଷାର ସ୍ଥାନ ନଦେଇ ଗୌଣ ଭାଷା ବା ବିଭାଷା ନାମରେ ଅଭିହିତ ହେଲା। ଖ୍ରୀଷ୍ଟିୟ ୧୧ଶ ଶତାବ୍ଦୀରେ ଗଙ୍ଗବଂଶୀ ରାଜାମାନେ ଓଡିଶାରେ ରାଜତ୍ୱ ଆରମ୍ଭ କଲେ। ଓଡିଆ ଭାଷା ସହିତ ଦ୍ରାବିଡ ଶବ୍ଦ ମିଶ୍ରଣର ଧାରା ଅବ୍ୟାହତ ରହିବା କଥାସେମାନଙ୍କ ଦାନପତ୍ର ଇତ୍ୟାଦିରୁ ପ୍ରମାଣ ମିଳିଥାଏ। ଏ ପ୍ରକାର ମିଶ୍ରଣ କେବଳ ଓଡିଆ ନୁହେଁ, ପୃଥିବୀର ସର୍ବ ମାନ୍ୟ ଭାଷାଗୁଡିକ କତିପୟ ଭାଷା ରାଜ୍ୟରୁ ଶବ୍ଦ ସଂଗ୍ରହ କରି ସମୃଦ୍ଧ ହୋଇଥିବା କଥା ଭାଷାବିଦ୍ ମାନେ ସ୍ୱୀକାର କରିଥାନ୍ତି। ୧୫୬୮ ରୁ ୧୭୫୧ ପର୍ଯ୍ୟନ୍ତ ଓଡିଶାର ମୁଖ୍ୟ ୪ଟି ସମୁଦ୍ର ତଟବର୍ତ୍ତୀ ଜିଲ୍ଲାରେ ମୁସଲମାନୀ ଶାସନ ପ୍ରଚଳିତ ଥିଲା। ଫଳରେ ଅନେକ ଯାବନିକ ଶବ୍ଦ ଆମ ଭାଷା ରାଜ୍ୟରେ ପ୍ରବେଶ କରିବାର ପଥ ପରିଷ୍କୃତ ହୋଇଥିଲା। ଆରବୀ,ଫାରସୀ, ଆସାମୀ ଶବ୍ଦ ଇଜିଲାସ, କଚେରୀ,କବଲା, ଖାନତଲାସ, ଜରସମନ, ତମସୁକ, ଚପରାସୀ, ତଲବ, ଜାମିନୀ, ଫଏସଲା, ରଫା, ଗିରଫ, ଅବକାରୀ, ଅମିନ, ହାକିମ, ବରଖାସ୍ତ, ଖଜଣା, ଖାରଜ,ତହସିଲ, ମୋହରିର, ଆଇନ, ଅଦାଲତ, ଓକିଲ, ଜମାନବନ୍ଦୀ, ନାଲିସ, ଫେରାର, ଚୁକ୍ତି, ମୌଜା ଥାନା, କିଲା ଓ ଜିଲ୍ଲା ପ୍ରଭୃତି ଅସଂଖ୍ୟ ଶବ୍ଦ ଆମର ନିତ୍ୟ ବ୍ୟବହାର୍ଯ୍ୟ ହୋଇପଡିଲା। ଇଉରୋପ ଜାତିମାନଙ୍କ ମଧ୍ୟରୁ ପ୍ରଥମେ ପର୍ତ୍ତୁଗୀଜ ମାନେ ଏ ଦେଶକୁ ବାଣିଜ୍ୟ ବ୍ୟବସାୟ କରିବାକୁ ଆସିଲେ। ପରିଣାମରେ ପାଉଁରୁଟି, ନିଲାମ, ଚାବି, ବାଲିଟି,ବୋତାମ, ଆଲକାତରା, ଇସ୍ତ୍ରୀ, ତମାଖୁ, ପିସ୍ତଲ, ଫିତା, ବୋତଲ, ମାସ୍ତୁଲ, ମିସ୍ତ୍ରୀ, ସାଗୁ, ସାୟା ପ୍ରଭୃତି ପର୍ତ୍ତୁଗୀଜ ଶବ୍ଦାବଳୀ ଓଡିଆ ଭାଷାରେ ଦୃଢ ଆସନ ଜମେଇ ବସିଲା। କିନ୍ତୁ ଇଉରୋପୀୟ ଭାଷାମାନଙ୍କ ମଧ୍ୟରୁ ଇଂରାଜୀ ଭାଷାରୁ ସବୁଠାରୁ ବେଶୀ ଶବ୍ଦ ଭାରତୀୟ ପ୍ରାନ୍ତୀୟ ଭାଷାମାନେ ଗ୍ରହଣ କରିଗଲେ। ଇଂରାଜୀର ଲାଟ, କିଲିଟର, କାନତରାଟି, ମାଜିଷ୍ଟ୍ରେଟ, ମେସେଞ୍ଜର, ହାଂସପତାଳ, ରେଳବାଇ, କାଞ୍ଜିଆହୁଦା, ସିଂଠାମ, କଚୁଆନ, ଦରଓ୍ୱାନ,ଅଫିସ, ଡିପୋଟି, ବୁରୁସ, କ୍ଲାମ୍ପ, ସ୍କୁଲ, କଲେଜ ଇତ୍ୟାଦି କେତେକ ଶବ୍ଦ ବିକୃତ, କେତେକ ଶବ୍ଦ ଅବିକୃତ ରୁପେ ବ୍ୟବହୃତ ହେଲେ। ଏପରି ଭାବେ ଦେଖିଲେ ଜଣାଯାଏ ଯେ ମାଗଧୀ, ପ୍ରାକୃତ ବା ପାଲି ଓଡିଆ ଭାଷାର ମୁଳଭିତ୍ତି ହେଲେହେଁ ତହିଁରେ ପରବର୍ତ୍ତି କାଳରେ ପ୍ରଚୁର ଦ୍ରାବିଡୀୟ, ଆଦିବାସୀ, ଆରବୀ, ଫାରସୀ, ଉର୍ଦ୍ଦୁ , ପର୍ତ୍ତୁଗୀଜ ଓ ଇଂରାଜୀ ଶବ୍ଦମାନ ପ୍ରବେଶ କରିଛି। କିନ୍ତୁ ପ୍ରାରମ୍ଭର ସଂସ୍କୃତ ନିକଟରେ ଏ ଭାଷା କେତେ ଋଣୀ ତାର ସମ୍ୟକ ଆଲୋଚନା କରୁଛି। ଜାଣିବାରେ ହେଉ ବା ନଜାଣିବାରେ ହେଉ ପ୍ରତ୍ୟେକ ଲୋକ ପାଟି ଖୋଲିବା ମାତ୍ରେ ଅସଂଖ୍ୟ ସଂସ୍କୃତ ଶବ୍ଦ ଉଚ୍ଚାରଣ କରିଥାଉଁ। ଭାଷା ରାଜ୍ୟରେ ସଂସ୍କୃତ ଏପରିଭାବେ ଆସନ ଜମେଇ ବସିଛି ତାକୁ ଚିହ୍ନିବା ମଧ୍ୟ ମୁସ୍କିଲ। ସାଧାରଣତଃ ଅବିକୃତ ଭାବେ ଚନ୍ଦ୍ର, ସୂର୍ଯ୍ୟ, ଅଗ୍ନି, ମରୁତ, ନାରୀ, ନର, ଫଳ ଲତା ଇତ୍ୟାଦି ଯେତେ ଯାହା ବ୍ୟବହୃତ ହୁଏ ସେଗୁଡିକୁ ଚିହ୍ନିବାରେ କୌଣସି ଅସୁବିଧା ହୁଏନି। ମାତ୍ର ସାମାନ୍ୟ ରୂପ ପରିବର୍ତ୍ତନ କରି ଯେଉଁ ଗୁଡିକ ପ୍ରଚଳିତ ତାକୁ ଠାବ କରିବା ମୁସ୍‌କିଲ। "ବଡ ଶିଙ୍ଘାର" ଶବ୍ଦଟି ଠାକୁର ଠାକୁରାଣୀଙ୍କ ଯୌନ ସନ୍ତୋଷ ବିଧାନ ଅର୍ଥରେ ପ୍ରଚଳିତ। ଏହାର ଉତ୍ପତି ସଂସ୍କୃତରୁ, ଏହାକୁ 'ବୃହତ ଶୃଙ୍ଗାର' ବୋଲି ସଂସ୍କୃତରେ କୁହାଯାଏ। ମନ୍ଦିର ସମ୍ବନ୍ଧୀୟ ଆଉ ଏକ ଶବ୍ଦ ହେଲା 'ବାଇଶ ପାହାଚ'। ଏହି ଶବ୍ଦଟି ସଂସ୍କୃତ 'ବହିର୍ପାବଚ୍ଛ'ରୁ ଉତ୍ପନ୍ନ। ସେହିପରି ଅଣସର ଅନ୍ନବସରରୁ ଆନୀତ। 'ପଡୀଆରୀର' ମୂଳ ଶବ୍ଦ ପ୍ରତିହାରୀ, ହଂସୁଲି ସଂସ୍କୃତ ହଂସତୁଳୀରୁ ଉତ୍ପନ୍ନ। ଦିନ ଗଡି ଚାଲିବା ସଙ୍ଗେ ସଙ୍ଗେ ଭାଷା ରାଜ୍ୟର ପରିସର ବିସ୍ତାର ଲାଭ କରୁଛି ଏବଂ ଏ ପ୍ରକାର ବିସ୍ତୃତିର ସୀମା କେଉଁଠି ତା ମଧ୍ୟ କୁହାଯାଇ ନପାରେ। ବର୍ତ୍ତମାନ କେତେକ ଇଂରାଜୀ ଶବ୍ଦର ତର୍ଜମା କରାଯାଇ ନୂତନ ଓଡିଆ ଶବ୍ଦ ସୃଷ୍ଟି କରାଯାଉଛି। ଯେପରି ପୋଲିସ କୁ ଆରକ୍ଷୀ, ଇଂଜିନିୟରକୁ ଯନ୍ତ୍ରୀ, କମିଶନରକୁ ଆୟୁକ୍ତ, ଏବଂ କମିଶନ କୁ ଆୟୋଗ, ଇଭାପୋରେସନ୍ କୁ ବାଷ୍ପାୟନ, ଏଷ୍ଟିମେଟ କୁ ଆକଳନ, ପେନିଟ୍ରେଟିଙ୍ଗ ରୁ ଅନ୍ତର୍ଭେଦୀ ଅସଂଖ୍ୟ ନବାଗତ ଶବ୍ଦ ଭାଷା ରାଜ୍ୟରେ ପ୍ରବେଶ କରୁଛି। ପରିଶେଷରେ ଏତିକି କହିବି ଆମ ଓଡିଆ ଏକମାତ୍ର ଭାଷା ଯେଉଁଥିରେ ଯାହା ଲେଖାଯାଏ, ତାହା ହିଁ ପଢାଯାଏ। କାରଣ ମଣିଷ ଉଚ୍ଚାରଣ କରି ପାରୁଥିବା ସବୁ ଧ୍ୱନି ଏଥିରେ ଅଛି। ବଙ୍ଗଳା ଓ ହିନ୍ଦୀରେ "ଋଷି" ଲେଖି ରିଷି ପଢନ୍ତି। "କୃଷ୍ଣ" ଲେଖି ହିନ୍ଦୀଭାଷୀ ପଢନ୍ତି "କ୍ରିଷ୍ଣ" ଓ ବଙ୍ଗାଳୀ ପଢନ୍ତି 'କେଷ୍ଟ'। ଇଂଗ୍ରାଜୀ କଥା କଣ କହିବା ? ଜର୍ଜ ବର୍ଣ୍ଣାଡ୍ ଶ ଙ୍କ ଭଳି ଇଂରାଜୀ ନାଟ୍ୟକାର ଯାହା କ କହିଛନ୍ତି, ତାହା ହିଁ ଉଲ୍ଲେଖ କରୁଛି। ଶ' କହିଲେ , ଲେଖ 'Ghoti ', ପଢ ଫିସ୍: କାରଣ Cough ରେ ଶଷ ହେଲା 'ଫ', women ରେ o ହେଲା 'ଇ' , Nation ରେ ti ହେଲା 'ସ' ତେଣୁ Ghoti ହେଲା ଫିସ୍। ଏହି ବିଶୃଙ୍ଖଳ ହୁଣ୍ଡା ଭାଷାଟିରେ ଧ୍ୱନିଗତ ଯଥାର୍ଥତା ଆଦୌ ନଥାଇ, ତାହା ହେଲା ଆନ୍ତର୍ଜାତିକ ଭାଷା। ତେଣୁ ମାନ୍ୟବର ମୁଖ୍ୟ ମନ୍ତ୍ରୀ "ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ" ୨୦୨୪ ର ଆୟୋଜନ କରି ଆମ ଓଡିଆ ଭାଷାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଇବା ପାଇଁ ଯେଉଁ ପ୍ରଚେଷ୍ଟା କରିଛନ୍ତି ତାହା ଅତ୍ୟନ୍ତ ପ୍ରଣିଧାନ ଯୋଗ୍ୟ।

*ସମ୍ପାଦକ ମାର୍ଗଦର୍ଶୀ, ଖୋରଧା*
*ମୋ:୬୩୭୦୬ ୭୫୫୬୨*

# ସାହିତ୍ୟ ଦର୍ପଣ



## ଚୁନା ଚୁନା 'ସୁଭଦ୍ରା' ଗପ



ବିପ୍ଳବ

। ୧॥

ରାନୁ ଭାଉଜଙ୍କୁ ଟ୍ୟାପ ମୂଳେ ଦେଖି ଲେଖାଯୋଖାରେ ଛୋପରୀ ନଣନ୍ଦ ଜିନା ପଚାରିଲା ' ଭାଉଜ କାଲି ତମ ଛାତ ଉପରେ ତମରି ଲୁଗା ପିନ୍ଧି ରାତିଅଧରେ ଭୂତ ବୁଲୁଥିଲା। ତମେ ସାବଧାନ ହେଇ ରହିବ, ଭାଇ ବାହାରେ ରହୁଛନ୍ତି ନା। '

ରାନୁ ହସି ହସି କହିଲା ' ନାଇଁ ମ, ଆର ସାହି ଚଗଲା ସୁବୁଦ୍ଧି ଯିଏ ଜନସେବା କେନ୍ଦ୍ର ଖୋଲିଛନ୍ତି ମ ତାଙ୍କୁ ଆଧାର ଓଟିପି ଡାକୁଥିଲି, ଦିନରେ ଲିଙ୍କ ପାଉନି ତ, ମୋର ଟଙ୍କା ଆସିନି ବୋଲି ସେ ମନଦୁଃଖ କରି ବ୍ୟସ୍ତ ହେଉଥିଲେ। କହିଲେ ଭାଉଜ ଟଙ୍କା ଆସିଲେ ତମେ ଉଠେଇବନି, ମୋର ଯାହା ଦରକାର ସବୁ ଡିଜିଟାଲରେ କିଣିଦେବା, ମୁଁ ତମକୁ ଟଙ୍କା ଦେଇଦେବି, ତମେ ପାଁ ଶହ ଅଧିକା ପାଇବ। ' ଜିନା ହସିଲା ଆଉ ମନକୁ ମନ ଭାବିଲା ଭାଉଜ ବଡ଼ ଚତୁରୀ ହେଇ ଗଲେଣି।

॥ ୨॥

ଦଣ୍ଡୁଆ ତା ଝିଅକୁ କାଖେଇ ବୁଲିବାର ଇଏ ପ୍ରଥମ ଘଟଣା ବୋଧେ !

ରାଧୁ ପଚାରିଲା ହଇରେ, ତୁ କଣ ଆଜି ଝିଅକୁ କାଖେଇ ଦାଣ୍ଡରେ ବୁଲୁଛୁ? କାମ କୁ ଯିବୁନି କି ଆଜି ?

ଦଣ୍ଡୁଆ ମନ ଦୁଃଖରେ କହିଲା ' କଣ କହିବି ଭାଇ, ମୋର ତ ଗାଡି ଘୋଡ଼ା କିଛି ନାହିଁ। ସୀମା ବହିକୁ ସୁଭଦ୍ରା ଟଙ୍କା ପାଞ୍ଚ ହଜାର ଆଇଚି ଯେ ପଇସା ଉଠେଇ ହଉନି। ତିନି ଦିନ ହେଲା ତା ଧରମ ଭାଇ ମନ ଦଳେଇ ଗାଡିରେ ବସି ବେଙ୍କ୍ ଦୌଡୁଛି। ବସ ଡେରିକି ଆସୁଛି। ଲାଇନ ଲମ୍ବି ଯାଉଛି, ଆଉ କଣ କରିବି ? ସକାଳ ସାତଟାରୁ ଯାଉଛି ସବୁ ଦିନ।'

॥ ୩ ॥

ଥାନା ପାଖ ଚଉତରାରେ ଗଡି ଯାଉଥାଏ ଗଡି ଆଉଥାଏ ସିନିଆ। କଣ କରିବ ବିଚରା? ବାହାଘର ଜମା ଆଠ ମାସ ହେଇଥିଲା। ତା ସ୍ତ୍ରୀ ଅହଲ୍ୟା ଗାଁ ମାଇପି ଙ୍କ ସାଙ୍ଗରେ ସୁଭଦ୍ରା ଟଙ୍କା ଉଠେଇବାକୁ ଦି ଦିନ ତଳେ ବ୍ୟାଙ୍କ ଆସିଥିଲା, ଆଉ ଫେରିନି। ସିଏ ବଜାର ଘାଟ କିଛି ଦେଖିନି, ତାକୁ ନିଶ୍ଚୟ କେହି ଟଙ୍କା ସହିତ କିଡ୍ନାପ କରି ନେଇଛି ବୋଲି ସିନିଆର ବିଶ୍ୱାସ। ଥାନା ବାବୁଙ୍କୁ ସେଥିପାଇଁ ନେହୁରା ହେଉଛି।

ତାଙ୍କ ସାଇ ଚୈତନ ଆସି କହିଲା ' ସିନିଆ ଭାଇ, ତୁ ଘରକୁ ପଳେଇ ଆ, ଭାଉଜ ବାହା ହେଇ ନଥିବା ବେଳେ ଗାଁରେ ଯାହାକୁ ଭଲ ପାଉଥିଲେ ତା ସହ ପଳେଇସିନ୍ତି। ଗାଁ ଖାଲି ପଡୁଛି ଉଠୁଛି। '

ସିନିଆ ବୋକଙ୍କ ପରି ଚାହିଁଥାଏ।

॥ ୪॥

ନେତ ବୋଉ ଖୁଡ଼ୀ ଦାଣ୍ଡରେ ଉଘୋଉଛି।

ଧୂତ ସାମଲ ପୁଅ ନାଁ ଗାଁ ଧରି କଟା ବଛା କରୁଛି। ଧୂତ ସାମଲ ପୁଅ ହଉଚି ଗାଁ ର ଗୋଟେ କୁଜି ନେତା। କଣ୍ଟ୍ରାକ୍ଟି କରେ। ପ୍ରଧାନମନ୍ତ୍ରୀ ଘର ଯୋଜନାରେ ଘର କରେଇ ଦିଏ, ସିଏ ବି ଡିଲର ଅଛି ତାଙ୍କ ଗାଁ ର। ଖୁଡ଼ୀ ର ଅଭିଯୋଗ ବୁଝୁ ବୁଝୁ ଜଣା ପଡ଼ିଲା ଯେ ସେ କହିବା କଥା ହେଲା କୁଟ କପଟ କରି ସେ ହିଁ ତା'ର ରାସନ ଚାଉଳ କାଟିଥିଲା ଆଉ ଏବେ ତା ବୋହୂର ସୁଭଦ୍ରା ଟଙ୍କା କାଟିଦେଲା।

॥ ୫॥

ମୁଣ୍ଡ ଫାଟି ଗଦ ଗଦ ହୋଇ ରକ୍ତ ବୋହି ଯାଉଛି। ଅଧା ଆଖି ଖୋଲି ଚାହିଁଛି ଅରୁ ପୃଷ୍ଟି। ଦୁର୍ଘଟଣା କାରଣ କଣ ଜାଣିବା ପାଇଁ ଡାକ୍ତର ବାବୁ ପଚାରିଲେ। ସେ କହିଲା ଗାଡି ଗଛରେ ବାଡ଼ ?ଇ ହେଇଗଲା। ତାକୁ ସାଙ୍ଗରେ ନେଇଥିବା ପଦିଆ ପଚାରିଲା ' ତୁ କାହିଁକି ମିଛ କହିଲୁ, ତା ନାଁରେ କହିଥାନ୍ତୁ, ଥାନାରେ ହଉ ଏତେଲା। ଦି ଯା ତୋ ପାଖରେ ଆପ୍ଲାଏ କଲେ, ଜଣଙ୍କର ଆସିଲା, ଜଣଙ୍କର ଆସିଲାନି ବୋଲି ତୋର କଣ ଭୁଲ୍ ତା ବୋଲି ମଦ ପିଇ ତା ସ୍ୱାମୀ ତତେ ପିଟିବ ?'

ଅରୁ ପୃଷ୍ଟି କହିଲା ' ଚୁପ୍ ହେଇଯା। ସେ ଥାନା ବାଲାକୁ ଯଦି କହିଦିଏ ମୁଁ ତା ଠୁଁ ଶହେ ଟଙ୍କା ନେଇଛି ବୋଲି ?'

ପଦିଆ ଆଉ ପାଟି ଫିଟାଇଲା ନାହିଁ।

*ମକୁନ୍ଦ ପୁର, ବାଙ୍କୀ*

*ମୋ : ୯୪୩୭୪୬୮୦୧୬*

## ନାଥ ମଉସା

**ଲିପୁ ମହାରଣା**

ସେଦିନ ଝିପିଝିପି ବର୍ଷା ପାଗ ହୋଇଥାଏ, ଅକ୍ଷୟ ଅନେକ ଦିନର ସହରରେ ରହଣି ପରେ ସହର ରୁ ଘରକୁ ଫେରୁଥାଏ ହଠାତ ତା ନଜର ରେ ପଡ଼ିଯାଏ ତା ଗାଁ ପାଖ ଛକ ଉପରେ ଥିବା ଗୋଟିଏ ଭଙ୍ଗା ଚାଳ ଛପର କୁଡ଼ିଆ ଉପରେ , କୁଡ଼ିଆ ଟିର ସାହାରା କହିଲେ ମାତ୍ର ଚାରୋଟି ଖୁଣ୍ଟି । ସେଇ ଦଦରା କୁଡ଼ିଆ ଟିରେ ଭାରି ଭିଡ ଲାଗିଥାଏ ତା ସହିତ ସେଇ କୁଡ଼ିଆ ଟି ରୁ ଛୁଟି ଆସୁଥାଏ ଗରମ ଗରମ ପକୁଡି ର ବାସ୍ନା ଲାଗୁଥାଏ ସତେ ଯେମିତି ସେଇ ପକୁଡି ର ବାସ୍ନା ସମଗ୍ର ରାସ୍ତା କୁ କବ୍ଜା କରି ରଖିଛି । ଏମିତି ବର୍ଷା ପାଗରେ ଗରମ ପକୁଡି ର ବାସ୍ନା ସମସ୍ତଙ୍କୁ ମହନୀ କଲା ଭଳି ଟାଣି ନେଉଛି ସେ କୁଡ଼ିଆ ଆଡକୁ ଅକ୍ଷୟ ବା ସେଥିରୁ ବର୍ତ୍ତିବ କିପରି ? ଅକ୍ଷୟ ଗାଁ କୁ ଯିବା ରେ ଡେରି ହେଉଥିଲେ ବି ତା ମନ ଲାଖି ଯାଇଥିଲା ସେଇ ପକୁଡି ରେ । ଅକ୍ଷୟ ଗାଡି ଟିକୁ ରାସ୍ତା କଡ଼ ରେ ରଖି ଦେଇ ପକୁଡି ପାଇଁ ପସିଯାଏ ସେଇ କୁଡ଼ିଆ ଭିତରେ ଦେଖେ ପ୍ରାୟ ଅଶି ବର୍ଷର ବୁଢା ଟିଏ ହାତଗୋଡ ରେ ମାଂସ ପୁଳାଏ ନାହିଁ, ପଞ୍ଜରା ସବୁ ଗଣି ହେଇଯାଉଛି ବୟସ ର ବାର୍ଦ୍ଧକ୍ୟତା ବୁଢ଼ାଟିର ଅଣ୍ଟା ଉପରେ ଛେଚ଼ି ହେଇପଡ଼ିଚି ତଥାପି ନିଜ ପେଟ ପୋଷିବା ପାଇଁ ବୁଢା ଟି ବସି ପକୁଡି ଛାଣିବାରେ ଲାଗିଛି । ବୁଢା ର ଚେହେରା ଅକ୍ଷୟ କୁ ଚିନ୍‌ହା ଚିନ୍‌ହା ଲାଗୁଥାଏ ଆରେ ! ଏ ତ ଅକ୍ଷୟ ର ସେଇ ପିଲା ଦିନର ନାଥ ମଉସା ! ନାଥ ମଉସା କହିଲେ ଏ ମଧୁପୁର ଅଂଚ଼ଳ ରେ କିଏବା ନଜାଣେ । ପକୁଡି କଥା ପଡିଲା ମାନେ ସମସ୍ତେ ନାଥ ମଉସା ଙ୍କ କଥା ମନେ ପକାନ୍ତି ମଉସା ଙ୍କ ପକୁଡି ଥରେ ଯା ପାଟିରେ ଲାଗିଛି ସେ ଜୀବନ ସାରା ନାଥ ମଉସା ଙ୍କୁ ମନେ ରଖିଛି । ନାଥ ମଉସା ଧନ ରେ ଗରିବ ହେଇଥାଇପାରନ୍ତି ସେ କିନ୍ତୁ ମନରେ ବହୁତ ଧନୀ ସେ ନିଜ ସ୍ୱାଭିମାନ ପାଇଁ କେବେ କାହା ପାଖରେ ଆଜି ଯାଏଁ ହାତ ପତାଇ ନାହାନ୍ତି, ଅନ୍ୟ ପାଇଁ ନିଜର ସ୍ୱାର୍ଥ ନରଖି ସମସ୍ତଙ୍କୁ ନିସ୍ୱାର୍ଥପର ଭାବେ ସାହାଯ୍ୟ କରନ୍ତି । କିଏ ପଇସା ନ ଧରି ତାଙ୍କ ଦୋକାନ କୁ ଗଲେ ବି କାହାକୁ ସେ ନିରାଶ କେବେ କରନ୍ତିନି । ଅକ୍ଷୟ ଏତେ ଦିନ ପ ମଉସା ଙ୍କୁ ଦେଖି ଭାରି ଖୁସି ହେଇଯାଏ ଖୁସିରେ ଯାଇ ମଉସା ଙ୍କ ଗୋଡ କୁ ଅକ୍ଷୟ ଛୁଇଁ ଦେଇ କହେ ମଉସା !ଆପଣ ମତେ ଚିନ୍‌ହି ପାରିଲେ ? ମଉସା ବି ଟିକିଏ ନିରେଖି ଦେଖନ୍ତି ଆରେ ! ତୁ ପରା ଆମ ଅକ୍ଷୟ କେତୁଟିଏ ହେଇଗଲୁଣୁ ଆ ବସ ମଉସା ଅକ୍ଷୟ କୁ ସବୁ କଥା ପଚାରି ବୁଝନ୍ତି ଏସବୁ ଭିତରେ ଅକ୍ଷୟ ର ମନେ ପଡ଼ିଯାଏ ସେଇ ପିଲାଦିନ ର ସ୍କୁଲ ବେଳର କଥା.. ।

ଅକ୍ଷୟ ପ୍ରତିଦିନ ସ୍କୁଲ ରେ ଖାଇବା ଛୁଟି ହେଲେ ନାଥ ମଉସା ଙ୍କ ଦୋକାନ କୁ ଯାଏ ଆଉ ନାଥ ମଉସା ଙ୍କ ପକୁଡି ମନ ଭରି ଖାଏ ।ଦିନେ ଅକ୍ଷୟ ମଉସାଙ୍କ ଦୋକାନ କୁ ଯାଇନଥାଏ ମଉସା ଅକ୍ଷୟ ର ବାଟ ଚାହିଁ ବସିଥାନ୍ତି କିନ୍ତୁ ଅକ୍ଷୟ ଆସେନି ମଉସା ଟିକେ ବ୍ୟସ୍ତ ହୋଇ ଦୋକାନ ବାହାର କୁ ଆସି ଟିକେ ଚାରିଆଡେ ନଜର ପକାନ୍ତି ହେଲେ ଅକ୍ଷୟ କାହିଁକି ଆଜି ଦୋକାନ ପିଣ୍ଡା ରେ ମୁହଁ ଶୁଖେଇ ବସିଛି ମଉସା ପଚାରନ୍ତି କିରେ ! ଅକ୍ଷୟ କଣ ହେଇଚି ତୋର ଆଜି କାଇଁ ଦୋକାନ କୁ ଆସିନୁ ଉତ୍ତର ରେ ଅକ୍ଷୟ କହେ ନାଇଁ ମଉସା ବୋଉ ଆଜି ପଇସା ଦେଇନି ଆଜି ମୁଁ ପକୁଡି ଖାଇପାରିବିନି । .. ମଉସା ଟିକେ ହସିଦିଅନ୍ତି ଆଉ ଅକ୍ଷୟ କୁ ଦୋକାନ କୁ ନେଇଯାଇ ମନଭରି ପକୁଡି ଖାଇବାକୁ ଦିଅନ୍ତି.. ଖାଲି ଅକ୍ଷୟ ର କୁନି ଓଠ ରେ ଟିକିଏ ହସ ଦେଖିବା ପାଇଁ । କିନ୍ତୁ ଆଜି ମଉସା ଙ୍କୁ ବୟସ ଆସି ଏତେ ହେଲାନି କିନ୍ତୁ ଏ ବୟସ ରେ ସେ? ଅକ୍ଷୟ ଆଉ ନିଜ କୁ ରୋକି ନପାରି ପଚାରେ ମଉସା ଆପଣ ଏତେ ବୟସ ରେ ବି ଖଟୁଛନ୍ତି ଆପଣ ଘରେ ଟିକେ ବିଶ୍ରାମ ନେଉନାହାନ୍ତି । ଅକ୍ଷୟ ର ପ୍ରଶ୍ନ ରେ ମଉସା ଙ୍କ ଆଖି ଟିକେ ଟିକେ ଛଳ ଛଳ ହେଇଯାଏ ମଉସା ନିଜ ଗାମୁଛା ଟି ରେ ଆଖି ପୋଛିପକାନ୍ତି ଆଉ କୁହନ୍ତି ପୁଅ ଘରୁ କାଢି ଦେଲା ବୋଲି କଣ ମୁଁ କଣ ଭିକ ମାଗିବି ? ନା ସେ ସିନା ଅଧା ଖଣ୍ଡିଆ କାଳିଆ ଠାକୁର ହେଲେ ମତେ ହାତ ଗୋଡ ଦେଇଛି ମୁଁ କାହା ଆଗରେ ମୁଣ୍ଡ ନୁଆଇବି ନାଇଁ ମରଦ ଛୁଆ ମୁଁ ଖଟିବି ଖାଇବି ମଉସା ଙ୍କ ଏପରି କଥା ଶୁଣି ଅକ୍ଷୟ ବି ଆଖି ଛଳ ଛଳ କରିପକାଏ ହେଲେ ସମୟ ଆସି ବହୁତ ହେଲାନି ଅକ୍ଷୟ...ମଉସା ଙ୍କୁ ବିଦାୟ ମାଗି ସେଠାରୁ ଚାଲି ଆସେ । ସେଦିନ ରାତିରେ ଅକ୍ଷୟ ର ମନ ରେ ମଉସା ଙ୍କ କଥା ବାରମ୍ବାର ଉଙ୍କି ମାରୁଥାଏ ଯେଉଁ ନାଥ ମଉସା ଦିନେ ତାର ଟିକିଏ ଖୁସି ପାଇଁ ତାକୁ ପକୁଡି ମନଭରି ଖାଇବାକୁ ଦେଇଥିଲେ ଏତେ ଦିନ ପରେ ଟିକେ ଦେଖା ହେଲା ଯେ ସେ ତାଙ୍କ ଖୁସି ପାଇଁ କିଛି କରିପାରିଲାନି ।ଏକଥା ଭାବି ଭାବି ଅକ୍ଷୟ ମନରେ ଚିନ୍ତା କରେ ପରଦିନ ସକାଳୁ ସେ ମଉସା ଙ୍କ ଦୋକାନ କୁ ଯିବ ମଉସାଙ୍କୁ କିଛି ଟଙ୍କା ସାହାଯ୍ୟ କରିବ ଆଉ ମଉସାଙ୍କ ହାତ ର ପକୁଡି ମନଭରି ଖାଇବ । ସକାଳୁ ସକାଳୁ ଅକ୍ଷୟ ବାହାରିପଡେ ନାଥ ମଉସା ଙ୍କ ଦୋକାନ ଆଡକୁ । ଦୋକାନ ରେ ପହଂଚ଼ି ଦେଖେ ଭାରି ଗହଳି ଲାଗିଛି ଅକ୍ଷୟ ମନେ ମନେ ଭାବେ ଆଜି ଆଉ ନାଥ ମଉସାଙ୍କ ପକୁଡି ତାକୁ ମିଳିବନି ବୋଧେ ଆଜି ତାକୁ ଖାଲି ପେଟରେ ଫେରିବାକୁ ପଡିବ ଏତିକି ଭାବି ଭାବି ଅକ୍ଷୟ ଯାଇ ପହଞ୍ଚେ ? ମଉସା ଙ୍କ ପାଖରେ । କଢେଇ ରେ ପକୁଡି ପଡିଛି ମଉସା ପାଖ କାନ୍ଥ କୁ ଆଉଜି ଯାଇଛନ୍ତି ଦୁଇ ଚାରି ଲୋକ ମଉସା ଙ୍କୁ ଆଉଜି ଧରିଛନ୍ତି କଣ ହେଇଚି ? ଏଣେ ମଉସା ବି ଅକ୍ଷୟ କୁ କିଛି ବି କହୁନାହାନ୍ତି ଆରେ ଆରେ ପକୁଡି ବି ପୋଡି ଆସିଲାଣି ମଉସା ଆଉ କଢେଇ ରୁ ପକୁଡି ବି କାଢୁନାହାନ୍ତି କାରଣ ନାଥ ମଉସା ଆଉ ନାହାନ୍ତି ଅକ୍ଷୟ ଆସିବା ଆଗରୁ ମଉସା ହୃଦଘାତ ରେ ଚାଲିଗଲେଣି ।

ଅକ୍ଷୟ ପୁର ସ୍ତବ୍ଧ ହୋଇଯାଏ ମଉସା ଙ୍କ ମୁହଁ ରେ ହସ ଟିକେ ଦେଖିବା ସ୍ୱପ୍ନ.. ତା'ର ସ୍ୱପ୍ନ ରେ ହିଁ ରହିଯାଏ ଶେଷରେ ଅକ୍ଷୟ ମନ ଦୁଃଖରେ ଫେରିଆସେ ।

ଥଏଠି ତ ସମସ୍ତେ ସୋସିଆଲ ମିଡ଼ିଆ ରେ ଷବକ୍ଷକ୍ଷ ଲବଷଷରକ୍ଷଷ ଯବଛ ପାଳନ କରୁଛନ୍ତି ହେଲେ ବାସ୍ତବ ରେ କିଏ ବାପା ଙ୍କ ଖୁସି ପାଇଁ ନିଜ କୁ ସମର୍ପିତ କରୁଛି ? ନିଜ ନିଜ ଅଂଚ଼ଳ ରେ ଟିକେ ଖୋଜି ନେଲେ ନାଥ ମଉସା ଙ୍କ ଭଳି ଅନେକ ମିଳିବେ ଯଦି ପୁଅ ତା କର୍ତ୍ତବ୍ୟ କରିଥାନ୍ତା ତାହେଲେ ଆଜି ଏମିତି ସହ ସହ ବୃଦ୍ଧାଶ୍ରମ ର ଆବଶ୍ୟକତା ପଡୁନଥାନ୍ତା ।

## ହେ ଭାଗ୍ୟ ବିଧାତା

*ଆଦ୍ୟାଶା ମହାପାତ୍ର*



ପ୍ରାଣର ଦେବତା ମୋର ହେ
ଭାଗ୍ୟ ବିଧାତା
ନିଃଶ୍ୱାସେ ପ୍ରଶ୍ୱାସେ ତୁମେ
ଜୀବନର ସତ୍ତା ॥
ତୁମେ ଗୀତା ଭାଗବତ
ତୁମେ ଚାରିବେଦ
ସକଳ ଘଟରେ ତୁମେ ଅଟ ବ୍ରହ୍ମ ନାଦ,
ତୁମ ନାମେ ଭରିଯାଉ ମୋ ଶୂନ୍ୟ ମନ୍ଦିର
ତୁମ ଆଶିଷରେ ପ୍ରଭୁ ମହକୁ ଅନ୍ତର ॥
କେବେ ଆସ ପ୍ରଭୁ ତୁମେ
ଓଁକାର ନାଦରେ
ଆସ ପୁଣି ମନ୍ତ୍ରମୁଗ୍ଧ ସୃଜନ ସମ୍ଭାରେ,
ସ୍ୱପ୍ନରେ ମୁଁ ଶୁଣେ ବଂଶୀ
ସ୍ୱରର ମାଧୁର୍ଯ୍ୟ
ସେ ମୋହନ ରାଗେ ହୃଦ
ହୁଏ ମୋ ଅଧୈର୍ଯ୍ୟ ॥
ଜୀବନ ମହାନାଟକେ ତୁମେ କର୍ଣ୍ଣଧାର
ତୁମେ ସତ୍ୟ,ନ୍ୟାୟ,ଧର୍ମ,ମୁକତିର ଦ୍ୱାର
ହେ ପୁରୁଷୋତ୍ତମ ପରଂବ୍ରହ୍ମ ହୃଷୀକେଶ
ମହାବାହୁ ଫେଡ ବାରେ
ଜଗତର କଳେଶ ॥
ସୃଷ୍ଟି ସମ୍ଭବରେ ତୁମେ ସୃଷ୍ଟି ପାଳନରେ
ଭୂମି ଠୁ ଭୂମାରେ ତୁମେ
ସୃଷ୍ଟି ସଂହାରରେ,
ଧନ୍ୟ ପ୍ରଭୁ ଲୀଳା ତୁମ ଏଇ ସଂସାରରେ
ଶତକୋଟି ପ୍ରଣିପାତ ତୁମରି ପୟରେ ॥

*ନୂଆପଡା, କଟକ*

## କେତେକାଳ ଚାହିଁ ରହିବ

*ନିରଞ୍ଜନ ସାହୁ*

ସ୍ୱପ୍ନ ରାଇଜରେ ବିଚରଣ ପାଇଁ
କେତେକାଳ ଚାହିଁ ରହିବ
ବୟସକୁ ଟିକେ ହିସାବ ରଖିଥା '
ଅପ୍ରିୟ ସତ୍ୟ ସେ କହିବ ।
ଲୁହଲହୁ ସବୁ ଏକାଠି କରିକି
ପରିଶ୍ରମ ଯେତେ କରୁଛ
ତାଠାରୁ ଅଧିକ ସପନ ଦେଖୁଛ
ମନ ମଧ୍ୟେ ଆଶା ଭରୁଛ
ସ୍ୱପ୍ନ ଯଦି କେବେ ପୂରଣ ନହେଲା
ପରାଣକୁ ନିଷ୍ଟ ? ଦହିବ ।
ସପନକୁ ସତ୍ୟ କରିବା ପାଇଁକି
ସାଧନ ନିଅଣ୍ଟ ପଡୁଛି
ଗୋଟେ ସ୍ୱପ୍ନ ପୂର୍ଣ୍ଣ ହେଉହେଉ ପୁଣି
ନୂଆନୂଆ ସ୍ୱପ୍ନ ଗଢୁଛି
ସ୍ୱପ୍ନ ଅପୂର୍ଣ୍ଣତା ଦୁଃଖ ଆଣିଦିଏ
କେତେ କଷ୍ଟ ପୁଣି ସହିବ ?
ବାସ୍ତବତା ପ୍ରତି ଧ୍ୟାନ ଦେଇ ଦେଖ
ତୁମେ କେତେ ବଡ଼ ପାରିଲା
ସପନଟା ନିତି ମନକୁ ଭୁଲାଇ
ଶେଷରେ ଆଣିକି ମାରିଲା
ମସ୍ତିଷ୍କ ବିକୃତ କରିଲେ କେବଳ
ନିନ୍ଦା ଅପବାଦ ବହିବ ।

*ନିହଲ ପ୍ରସାଦ , ଗଁଡିଆ ପାଟଣା*
*ଢେଙ୍କାନାଳ -୭୫୯୦୧୬*
*ମୋ : ୯୯୩୮୭୪୧୫୮୩*

## ଟିକେ ଟିକେ କଥାରୁ ...

*କବିରତ୍ନ ନୂତନ କୁମାର ବେହେରା*



ଟିକେ ଟିକେ କଥାରୁ ......
ଅତି ନିବିଡ଼ ସଂପର୍କ ବି ଭାଙ୍ଗେ
ଆଖିରୁ ଝରି ପଡ଼େଅଶ୍ରୁ
ଦିଏ ଯେବେ ହୃଦୟରେ ତୀବ୍ର ଆଘାତ
ପ୍ରତିବାଦର ଦାନା ବାନ୍ଧି ସୃଷ୍ଟିହୁଏ ଘୂର୍ଣ୍ଣି ବଳୟ
ସେ ଭୟଙ୍କର ଝଡ଼ରେ
ହେଲେ ରୂପାନ୍ତର
ଓଲଟି ପଡ଼େ ମହା ମହା ତରୁ
ଏମିତି ମଧୁର କଥା ଝରୁ ବକ୍ତାର ମୁହଁରୁ
ଶ୍ରୋତାଙ୍କୁ ସର୍ବଦା ଆକର୍ଷିତ କରୁ
ଟିକେ ଟିକେ କଥାରୁ ......
ବଡ଼ ବଡ଼ ଅନର୍ଥ ହେବାର ଅଛି ବହୁ ପ୍ରମାଣ
ମହାଭାରତ ହେଲା ଜିମିଟି ଖେଳରୁ
ମନ୍ତ୍ରୀ ଶିବେଇ ସାଆନ୍ତରା
ଚନ୍ଦ୍ରଭାଗା କୂଳେ କୋଣାର୍କ ନିର୍ମାଣର ସୂତ୍ର
ପାଇଲେ ତତଲା ଯାଉ ଖିଆରୁ
କେତେ ଗଭୀର ଘନିଷ୍ଠ ପ୍ରେମ ସଂପର୍କ ଭାଙ୍ଗେ
ବାଦ ବିବାଦର ହୁଏନା ସ୍ଥାୟୀ ସମାଧାନ
ଯେବେ କଟୁ କଥାର ତୀକ୍ଷ୍ଣ ତୀର
ଥରେ ଖସି ଯାଏ କା' ହାତରୁ
ସକରାତ୍ମକ ଓ ନକରାତ୍ମକ ଉଭୟ ଭାବ ଅଛି
ଟିକେ ଟିକେ କଥାରୁ ......
ବୁଝିବାକୁ ହେବ ତାର ମର୍ମକୁ ଦେଇ ଗୁରୁତ୍ୱ
କୁହନ୍ତି ଟିକି ସାପର ବେଶି ବିଷ
ସିଏ ହିଁ ଜାଣିଛି ଯିଏ ଦଂଶନ
ସହି ବଞ୍ଚିଛି ତା'ଠାରୁ
ଆଖିକୁ ଦିଶୁ ନ ଥିବା ଜୀବାଣୁ ଭୂତାଣୁ
ଦେହରେ ସୃଷ୍ଟି କରନ୍ତି ଦୁଃସାଧ ନାନା ରୋଗ
ବହୁ ଉପଚାରରେ ବି ବର୍ତ୍ତି ହୁଏନା ସେଥିରୁ
ଟିକିଏ ବିଷ ଏକ ମାଠିଆ ଅମୃତକୁ କରିଦିଏ ବିଷ
ରକ୍ଷା ମିଳେନାହିଁ ବିଷର ଦାଉରୁ
ଟିକେ ଟିକେ କଥାରୁ ......
ଶିଖିବାକୁ ହୁଏ ବହୁତ କିଛି
ନିଜ ଅନୁଭବରେ
ଟିକିଏ ବାରୁଦର ଦିଆସିଲି କାଠିଟିଏ
ଜଳିଲେ ଜାଳି ଦେଇ କରିପାରେ ଧ୍ୱଂସସ୍ତୁପ
ନିଜର ଟିକିଏ ଅସାବଧାନତାରୁ
ଆସେ ମହା ବିପଦ
ଟିକିଏ ରନ୍ଧ୍ର ଥାଏ ଯଦି ବିଶାଳ ନଦୀବନ୍ଧରେ
ଅବା ସମୁଦ୍ର ବକ୍ଷର ବିରାଟ ଜାହାଜରେ
ତା' ଦିନେ ଭାଙ୍ଗିଦିଏ ସେ ବନ୍ଧକୁ
ବୁଡାଇ ଦେଇ ପାରେ ସେ ଗତିଶୀଳ
ଜାହାଜକୁ
ଯେତେ ବୁଦ୍ଧିମାନ ବିଚକ୍ଷଣ
ମଣିଷ ବି ମୁକୁଳି
ଯାଇ ପାରେନା ସେ ଅବାଞ୍ଛିତ ଦୁର୍ଘଟଣାରୁ
ଟିକିଏ କଥାରେ ମଧ ଥାଇ ପାରେ
ବହୁତ ମହତ୍ତ୍ୱ
ବିନ୍ଦୁଏରେ ଖୋଜିବାକୁ ହେବ ସିନ୍ଧୁ
ଟିକେ ଟିକେ କଥାରୁ ......।

*କୋହି, ବାରିପଦା, ମୟୂରଭଞ୍ଜ,*
*ଦୂରଭାଷା-୮୦୧୮୩୫୩୩୨୨*

## ଭାବ ଦର୍ଶନ

*ରତ୍ନକାନ୍ତି ମିଶ୍ର*



ଅହଂତ୍ୱ ର ଭାବ ସରିଛି ଯେଉଁଠି
ସେଇଠି ଜାଗିଛି ଭାବ
ବ୍ରହ୍ମ ପରା ବିଜେ ପ୍ରତୀତ ସେଇଠି
ଜ୍ଞାନୀ କରେ ଅନୁଭବ ॥

'ମୁଁ' କାର ଯେବେ ନାହିଁ ଅନ୍ତରରେ
ଦୟାମୟ ସଂସ୍ଥାପିତ
ତାଙ୍କ ଆବାହନ ଲୋଡା ନାହିଁ ଆଉ
ସ୍ୱୟଂ ପ୍ରଭୁ ବିରାଜିତ ॥

ଲୀଳାମୟ ପରା ଫେରନ୍ତି ସଂସାରେ
ବୁଝିବାକୁ ମର୍ତ୍ତ୍ୟ ମାୟା
ବାରେ ବାରେ କରି ଆବିର୍ଭୂତ ତେଣୁ
ଧରି ଅବତାର ନୂଆ ॥

ନୀଳ ସମ୍ଭ ?ହନେ ଦିବ୍ୟ ଆକର୍ଷଣେ
ମାଟି ରୁ ସେ ନଭେ ବ୍ୟାପ୍ତ
ସେଇ ତୃଷ୍ଣାନୀରେ ହୃଦ ରାସମୟ
ପ୍ରୀତି ଫଲଗୁ ନିର୍ଝରିତା॥

ପ୍ରତି ପ୍ରଶ୍ୱାସ ଯେ ତାଙ୍କରି ଆଶିଷ
ପ୍ରାଣେ ହୁଏ ସଞ୍ଚାରିତ
ଅଜଣା ପୁଲକେ ଭାବେ ବିହ୍ୱଳିତ
କିବା ଦିବା କିବା ରାତ୍ର ॥

ଚନ୍ଦନ ଚର୍ଚ୍ଚିତ ଚାରୁ ମନୋହର
ନୀଳ ସ୍ୱପ୍ନ ନୀଳକାନ୍ତି
ଭରନ୍ତି ସେ ହୃଦେ ଖୁସି ଉଦ୍ଦୀପନା
ସ୍ନେହ ଅନୁରାଗ ପ୍ରୀତି ॥

ସମ୍ମହିତ ହେଉ ନେତ୍ର ସଦା ଦୃଶ୍ୟେ
ସ୍ୱପ୍ନିମୟ ସସାଗରା
ମନ ବୃନ୍ଦାବନ ହେଉ ପୂତମୟ
କ୍ଷରି ପୀୟୂଷର ଧାରା ॥

*ଆଳି, କେନ୍ଦ୍ରାପଡା*

## ପ୍ରଣାମ ଘେନ ହେ ବାପୁ

*ସୁଦର୍ଶନ ମହାପାତ୍ର*



ପ୍ରଣାମ ଘେନ ହେ ଜାତିର ଜନକ
ଅହିଂସାର ଅବତାର
ସତ୍ୟ ସଂକଳ୍ପ ସେବା ସଦଭାବ
ଏକତାର କର୍ଣ୍ଣଧାର ,
ସ୍ୱାଧୀନତା ଅଗ୍ରଦୂତ
କୋଟି ଜନତାର ଆଶାର ଆଲୋକ
ସ୍ୱରାଜର ଭଗୀରଥ ॥

ହିମାଳୟ ଠାରୁ କୁମାରୀକା ଯାଏଁ
ଅଶାନ୍ତିର ବହ୍ନି ଜଳେ
ନିଃସ୍ୱ ଅସହାୟ ଆତୁର ବେଦନା
ଗୁଞ୍ଜରିତ ବୁକୁ ତଳେ ,
ଏ ଦେଶର ମୁକ୍ତି ପାଇଁ
ଅସହଯୋଗର ପୁରୋଧା ସାଜିଲ
କାରାଦଣ୍ଡ ସଜା ସହି ॥

ହେ ମହାମହିମ ସନ୍ଥ ମହାତ୍ମା
ଦୁର୍ଗତ ଜନର ବନ୍ଧୁ
ଆର୍ତ୍ତ ଜନତାର ଦୁଃଖ ହରିବାକୁ
ଲଂଘିଲ ଯାତନା ସିନ୍ଧୁ ,
ବିବେକର ଅନ୍ତଃସ୍ୱରେ
ସ୍ୱାଧୀନତାର ବିଜୟ ଦୁନ୍ଦୁଭି
ଶୁଣାଇଲ ପୁରେ ପୁରେ ॥

ବାଲ୍ୟକାଳୁ ତୁମେ ସତ୍ୟର ପୂଜାରୀ
ସତ୍ୟାଗ୍ରହ ତୁମ ଶକ୍ତି
ତୁମ ପୁଣ୍ୟ ତିଥି ଜଗାଏ ଅନ୍ତରେ
ସ୍ୱାଭିମାନ ଜାତି ପ୍ରୀତି ,
ତୁମେ ଗାନ୍ଧୀ ମହାଯତି
ହେ ମହାମହିମ ଜାତିର ଜନକ
ଘେନ ଆମର ପ୍ରଣତି ॥

*ନୂଆପଡା, କଟକ*

## ଜେଜେ ମା'



*ସୁଚରିତା ମହାନ୍ତି*

ଅଂଶୁ ଆଜି ବଡ଼ ହୋଇଯାଇଚ଼ନ୍ତି। ବହୁତ ପାଠ ପଢ଼ି ଡାକ୍ତର ମଧ ହୋଇଯାଇଛନ୍ତି ।ଘର ର ବଡ଼ ପୁଅ ଭାବରେ ତାଙ୍କର ଅନେକ କିଛି ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି। ସେ ଗୁଡ଼ିକ ବି ତାଙ୍କୁ ବହନ କରିବାକୁ ପଡ଼ ?।

ବାପା, ମା' ଜେଜେ ମା' ସାନ ଭାଇ ଙ୍କୁ ନେଇ ଛୋଟ ପରିବାର। ଅଂଶୁ ରୋଗୀଙ୍କ ସେବା ରେ ଭାରି ତତ୍ପର। ଏମିତି କି ମୋ ସହିତ ଯେବେ ଠାରୁ ଚିହ୍ନା ଜଣା ସେବେଠାରୁ ମୋ ସ୍ୱାସ୍ଥ୍ୟ କଥା ମଧ ପଚାରି ବୁଝନ୍ତି ।ଭାରି ଯତ୍ନବାନ ଆଉ ପରୋପକାରୀ ମଣିଷ।

ଗରିବ ପିଲାମାନଙ୍କ ସହିତ ସମୟ ବିତାଇବା, ତାଙ୍କୁ ସାହାଯ୍ୟ କରିବା ମଧ ତାଙ୍କୁ ଭଲଲାଗେ।

କିନ୍ତୁ ଅଂଶୁ ଙ୍କ ଭିତରେ ମାନ ଅଭିମାନ ଆଉ ଭଲପାଇବା ର ଗଭୀରତା ଢେର୍ ବେଶୀ।

ଆଜି କାଲି ର ଅଧିକାଂଶ ପିଲା ଯଦି ପାଠଶାଠ ପଢ଼ି କିଛି ଗୋଟେ ବଡ଼ ଚାକିରି କରୁଛନ୍ତି ବା ବାହାରେ ରହୁଚ଼ନ୍ତି, ସେମାନେ ପରିବାର କଥା ବୁଝିବା କୁ ନାରାଜ ହୁଅନ୍ତି। ଘରେ କେହି ଅସୁସ୍ଥ ହେଲେ କିମ୍ବା କୌଣସି କଥାରେ କ'ଣ ଯଦି ପିଲାମାନଙ୍କ ର ଆବଶ୍ୟକତା ଥାଏ ତେବେ ପିଲାମାନେ କହନ୍ତି,ଏଇ ସାମାନ୍ୟ କାମ କରିପାରୁନ ଯେ, ମୋତେ କହୁଚ଼। ମୁଁ ବହୁତ ବ୍ୟସ୍ତ ଅଛି ତେଣୁ ଯାଇ ପାରିବି ନାହିଁ କି ବୁଝି ପାରିବି ନାହିଁ।

ଆଗ ଭଳି ଯୌଥ ପରିବାର ଆଉ ଦେଖିବାକୁ ମିଳୁନାହିଁ।କାଁ ଭାଁ କେଉଁଠି ଗୋଟେ ଅଧେ ଯୌଥ ପରିବାର ଅଛି। ଯୌଥ ପରିବାରରେ ପିଲାମାନେ ବଡ଼ ହେବା ସହିତ ବହୁତ କଥା ଶିଖିପାରନ୍ତି ଏବଂ ଜେଜେ ବାପା,ଜେଜେ ମା', ବଡ଼ ବାପା, ବଡ଼ ମା', ଦାଦା, ଖୁଡ଼ି, ପିଉସୀ ଙ୍କ ସହିତ ସମ୍ପର୍କ ବହୁତ ଭଲ ରହେ। ଏବେ ଛୋଟ ପରିବାର ସୁଖୀ ପରିବାର କହି ଚଳୁଥିବା ପିଲାମାନେ ପରିବାର ପ୍ରତି ଥିବା କର୍ତ୍ତବ୍ୟ କୁ ପାଶୋରି ଦେଲେଣି। ଜେଜେ ବାପା ଓ ଜେଜେ ମା'ଙ୍କ ସ୍ନେହ ଆଦର, ତାଙ୍କ ପାଖରେ ବସି କାହାଣୀ ଶୁଣି ବାକୁ କେଉଁ ପିଲାଙ୍କୁ ବା ଭଲ ନ ଲାଗିବ। ପରିବେଶ ଠାରୁ ଆରମ୍ଭ କରି କେତେ ପଶୁପକ୍ଷୀ, ମହାପୁରୁଷଙ୍କ କାହାଣୀ ତାଙ୍କରି ଠାରୁ ତ ଶୁଣିବାକୁ ମିଳେ । ତା'ପରେ ପିଲାମାନେ ବହିରୁ ପଢ଼ି ଥାନ୍ତି।

ଏବେ ପ୍ରାୟତଃ ପିଲାମାନେ ସେସବୁ ସୁଯୋଗ ରୁ ବହୁ ଦୂରରେ ।

ନାତି ନାତୁଣୀ ଙ୍କୁ ଝୁରି ଝୁରି ଜେଜେ ବାପା, ଜେଜେ ମା' ଏ ସଂସାରରୁ ବିଦାୟ ନେଉଚ଼ନ୍ତି ସତ କିନ୍ତୁ ପିଲାମାନଙ୍କୁ କିଛି ବି ଫରକ୍ ପଡୁନାହିଁ।

ସେଦିନ ସବୁ କେଉଁଠି ହଜିଗଲାଣି ।

ଏଇ କେଇଦିନ ତଳେ ଦେଖିଲି ଅଂଶୁ ତାଙ୍କ ଷ୍ଟାଟସ୍ ରେ ଜେଜେ ମା'ଙ୍କ ଫୋଟୋ ଛାଡ଼ି ଜେଜେ ମା' ଙ୍କ ପାଖରେ ବସି ଈଶ୍ୱର ଙ୍କୁ ପ୍ରାର୍ଥନା କରିବା ପାଇଁ ସମସ୍ତଙ୍କୁ ଆକୁଳ ନିବେଦନ କରିଚ଼ନ୍ତି। ଏବଂ ଡାକ୍ତର ଭାବେ ତାଙ୍କ ଶେଯ ନିକଟରେ ବସି ବ୍ଲଡ୍ ପ୍ରେସର ମାପୁଥାନ୍ତି।

ମୁଁ ଦେଖିବା ପରେ ଈଶ୍ୱର ଙ୍କୁ ପ୍ରାର୍ଥନା କଲି ଜେଜେ ମା' ଙ୍କୁ ଈଶ୍ୱର ଶୀଘ୍ର ସୁସ୍ଥ କରିଦିଅନ୍ତୁ ବୋଲି।

ଅଂଶୁ ଙ୍କୁ ପଚାରିଲି ଜେଜେ ମା'ଙ୍କୁ କ'ଣ ହୋଇଚି ?

ଅଂଶୁ କହିଲେ, ଜେଜେ ମା' ଙ୍କୁ ପକ୍ଷାଘାତ ହୋଇଛି।

ବୟସର ଅପରାହ୍ନ ରେ ଏବେ ଜେଜେ ମା' ।ଏ ବୟସରେ ସେ ଅନ୍ୟମାନଙ୍କ ଉପରେ ନିର୍ଭର କରିବା ସ୍ୱାଭାବିକ କଥା। ସମସ୍ତଙ୍କ ସ୍ନେହ ଆଦର ଯତ୍ନ ତାଙ୍କୁ ସବୁସମୟରେ ଲୋଡ଼ା। ବାର୍ଦ୍ଧକ୍ୟ ଅବସ୍ଥା ଆସିଗଲେ ପ୍ରତ୍ୟେକ ଲୋକ ଚାହାନ୍ତି ତାଙ୍କ ପାଖରେ ନିଜର ଲୋକ ତାଙ୍କ ପାଖକୁ ଆସନ୍ତୁ ତାଙ୍କ ପାଖରେ ରୁହନ୍ତୁ। ସେତେବେଳେ ସେମାନଙ୍କ ର ଯେଉଁ ଆବଶ୍ୟକତା ଥାଏ ତାକୁ କେବଳ ଆତ୍ମୀୟ ସ୍ୱଜନ ହିଁ ବୁଝିପାରନ୍ତି ଏବଂ ତୁଲେଇ ପାରନ୍ତି। ଜେଜେ ମା'ଙ୍କ ପ୍ରତି ଯତ୍ନବାନ୍ ହେବା, ତାଙ୍କ ସେବା ଶୁଶ୍ରୂଷା କରିବା ଏବଂ ଈଶ୍ୱର ଙ୍କ ନିକଟରେ ଆଶୁ ଆରୋଗ୍ୟ କାମନା କରି ଗୁହାରି କରିବା ଅଂଶୁ କେଉଁଥିରେ କମ୍ କରୁନଥିଲେ।

ବୟସକୁ କେହି କମେଇ ପାରିବ ନାହିଁ କି ରୋଗ କାହାକୁ ହେବନି ଏକଥା କହିହେବ ନାହିଁ ତଥାପି ନିଜର ପିଲା ମାନେ ଜେଜେ ବାପା, ଜେଜେ ମା'ଙ୍କର ସେବା ଶୁଶ୍ରୂଷା କରିବା ଅସମ୍ଭବ ତ ନୁହେଁ। ବରଂ ସେମାନଙ୍କ ଆଶୀର୍ବାଦ ଲାଭ କରିବାର ଏହା ଏକ ଶୁଭ ମୁହୂର୍ତ୍ତ। ଯାହା ଏବେ ପିଲାମାନଙ୍କ ପାଖରେ ଖୁବ୍ କମ୍ ଦେଖିବାକୁ ମିଳୁଛି।

ଅଂଶୁ କିନ୍ତୁ ଅଲଗା। ତାଙ୍କର କର୍ତ୍ତବ୍ୟ ରୁ କେବେ ଓହରି ନାହାନ୍ତି। ସେଥିପାଇଁ ତ ଜେଜେମା' ଙ୍କର ସେ ଗେହ୍ଲା ନାତି ।

*ମାହାଙ୍ଗା, କଟକ*
*ମୋ : ୮୯୧୭୫୭୧୨୦୨*




# ବରିଷ୍ଠ ସ୍ତମ୍ଭଲେଖକ ଆର୍ତ୍ତ ମିଶ୍ର ପାଇଲେ ଅଷ୍ଟାଦଶ ନାରଦ ସମ୍ମାନ



ଭୁବନେଶ୍ୱର (ପିଏନ୍): ଅର୍ଦ୍ଧ ଶତାବ୍ଦୀର ସାମ୍ବାଦିକତା ଓ ସ୍ତମ୍ଭ ରଚନା ସମୟ ମଧ୍ୟରେ ତିନି ଦଶନ୍ଧି ଇଂରାଜୀ ଭାଷାରେ ଏବଂ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଓଡିଆ ଭାଷାରେ ସାଧନା ଜାରି ରଖିଥିବା, ଯାହାଙ୍କର ଠୋକ୍ ଠୋକ୍ ଶବ୍ଦ ଓ ବେସାଲିସ ଆଭିମୁଖ୍ୟ ତାଙ୍କୁ ଜଣେ ପ୍ରଚଣ୍ଡ ରାଷ୍ଟ୍ରବାଦୀ ସ୍ତମ୍ଭକାର ଭାବେ ପରିଚିତ କରାଇଛି, ସେଭଳି ଜଣେ ଦେଶପ୍ରେମୀ ସ୍ତମ୍ଭକାର ଶ୍ରୀ ଆର୍ତ୍ତ ମିଶ୍ରଙ୍କୁ ତାଙ୍କର ଜୀବନବ୍ୟାପୀ ସାଧନା, ଅଧ୍ୟବସାୟ ଓ ସାମ୍ବାଦିକତା କ୍ଷେତ୍ରକୁ ଅବଦାନ ନିମନ୍ତେ ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡିଶା ତରଫରୁ ୨୦୨୨ ବର୍ଷ ପାଇଁ ମର୍ଯ୍ୟାଦାପୂର୍ଣ୍ଣ ନାରଦ ସମ୍ମାନରେ ବିଭୂଷିତ କରାଯାଇଛି।

ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡିଶା ତରଫରୁ ବରିଷ୍ଠ ସ୍ତମ୍ଭ ଲେଖକ ଅଧ୍ୟାପକ ନିରଞ୍ଜନ ପାଢୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ 'ଅଷ୍ଟାଦଶ ନାରଦ ସମ୍ମାନ' ଉତ୍ସବ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଓଡିଶାର ଅବସରପ୍ରାପ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ବିଶିଷ୍ଟ ସାହିତ୍ୟିକ ଡ. ଶ୍ରୀଯୁକ୍ତ ରବିନାରାୟଣ ସେନାପତି ମୁଖ୍ୟ ଅତିଥି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର ସମ୍ପର୍କ ପ୍ରମୁଖ ଆଡଭୋକେଟ ଶ୍ରୀ ସର୍ବେଶ୍ୱର ବେହେରା ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ।

ଶ୍ରୀ ମିଶ୍ରଙ୍କୁ ମାନପତ୍ର, ଉତରୀୟ, ନାରିକେଳ ଓ ଦଶ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଶ୍ରୀ ସାଇ ପ୍ରସାଦ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାରଦ ଜୟନ୍ତୀ ସମାରୋହ ସମିତିର ବରିଷ୍ଠ ସଦସ୍ୟ ଶ୍ରୀ ସୁମନ୍ତ କୁମାର ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ୟୁନିଟ-୮, ଭୁବନେଶ୍ୱରର ଶିଶୁମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ ।

ବିଶ୍ୱ ସମ୍ବାଦ କେନ୍ଦ୍ର,ଓଡିଶା ତରଫରୁ ଗଣମାଧ୍ୟମରେ ସ୍ୱାଧିନତା ସମ୍ବନ୍ଧରେ ସଚେତନତା ସୃଷ୍ଟି କରୁଥିବା, ଜନସାଧାରଣଙ୍କୁ ନିରପେକ୍ଷ,ମୁକ୍ତ ଓ ଦାୟିତ୍ୱ ସମ୍ପନ୍ନ ସମ୍ବାଦ ପରିବେଷଣ ସହ ରାଷ୍ଟ୍ରୀୟ ବିଚାରଧାରାର ପ୍ରସାର ପାଇଁ ଲେଖନୀ ଚାଳନା କରୁଥିବା ଗଣମାଧ୍ୟମର ବ୍ୟକ୍ତିତ୍ୱଙ୍କୁ ପ୍ରତି ବର୍ଷ ନାରଦ ଜୟନ୍ତୀରେ ରାଜ୍ୟ ସ୍ତରୀୟ ନାରଦ ସମ୍ମାନ ପ୍ରଦାନ କରାଯାଇଥାଏ । ୨୦ବର୍ଷ ଧରି ବିଶ୍ୱ ସମ୍ବାଦ କେନ୍ଦ୍ର ତରଫରୁ ଆଦ୍ୟ ସାମ୍ବାଦିକ ଦେବର୍ଷି ନାରଦଙ୍କ ଜୟନ୍ତୀ ପାଳନ କରାଯିବା ସହ ରାଜ୍ୟର ଜଣେ ବରିଷ୍ଠ ତଥା ବିଶିଷ୍ଟ ସାମ୍ବାଦିକଙ୍କୁ ରାଜ୍ୟସ୍ତରୀୟ ନାରଦ ସମ୍ମାନ ପ୍ରଦାନ କରାଯାଉଛି । ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ବରିଷ୍ଠ ସାମ୍ବାଦିକ ଶ୍ରୀ ଅରୁଣ କୁମାର ପଣ୍ଡା, ଶ୍ରୀ ଭଗବାନ ନାୟକବର୍ମା, ଶ୍ରୀ ରାଜାରାମ ଶତପଥି,ଶ୍ରୀ ଗୋପାଳକୃଷ୍ଣ ମହାପାତ୍ର, ସ୍ୱର୍ଗତ ଶ୍ରୀ ଗୋପାଳ ମିଶ୍ର, ଶ୍ରୀ ସୁଧିର କୁମାର ଦାଶ, ସ୍ୱର୍ଗତ ଶ୍ରୀ ବରେନ୍ଦ୍ରକୃଷ୍ଣ ଧଳ,ଶ୍ରୀ ଭାଗିରଥି ମହାସୁଆର, ଶ୍ରୀ ଭାସ୍କର ପରିଚ୍ଛା, ଶ୍ରୀ ପ୍ରଭୂକଲ୍ୟାଣ ମହାପାତ୍ର , ଶ୍ରୀ ପ୍ରତାପ ମହାନ୍ତି, ଶ୍ରୀ ଜଗବନ୍ଧୁ ମିଶ୍ର, ଶ୍ରୀ ସିଦ୍ଧାର୍ଥ କାନୁନ୍‌ଗୋ, ଶ୍ରୀ ଶିବନାରାୟଣ ସିଂହ, ଶ୍ରୀ ତପନ ମିଶ୍ର ଓ ଶ୍ରୀ ସୁବ୍ରତ ଦାଶ ପ୍ରମୁଖ ଏହି ନାରଦ ସମ୍ମାନରେ ସମ୍ମାନୀତ ହୋଇଛନ୍ତି ।

# ପୁରୀ ଜିଲ୍ଲା ଶୌଣ୍ଡିକ ସମାଜ ପକ୍ଷରୁ ବାର୍ଷିକ ବୈଠକ

କୋଣାର୍କ (ପିଏନ୍): କୋଣାର୍କ-ପୁରୀ ବେଳାମାର୍ଗସ୍ଥିତ ମା' ରାମଚଣ୍ଡୀଙ୍କ ପୀଠରେ ପୁରୀ ଜିଲ୍ଲାର ଶୌଣ୍ଡିକ ସମାଜ (ସାତବିଶ ମଣ୍ଡଳ) ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ପୁରୀ ଜିଲ୍ଲାର ଶୌଣ୍ଡିକ ସମାଜର ଆବାହକ ତଥା ରାଜ୍ୟ ସଂଗଠନ ସଂପାଦକ ମଙ୍ଗରାଜ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରାଜ୍ୟ ସଂଗଠନର ମୁଖ୍ୟ ଉପଦେଷ୍ଟା କୋଦଣ୍ଡ ଚୌଧୁରୀ ଓ ଭରତ ମଣ୍ଡଳ ଯୋଗ ଦେଇଥିଲେ । ଏହି ବୈଠକରେ ସଂଗଠନକୁ ସୁଦୃଢ ଓ ସକ୍ରିୟ କରିବା, ସଂଗଠନରେ ସ୍ୱଜାତିର ବ୍ୟକ୍ତିମାନଙ୍କୁ ଅଧିକରୁ ଅଧିକ ସାମିଲ କରାଇବା, ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରୁ ବ ିତ ବ୍ୟକ୍ତିମାନଙ୍କୁ ସୁବିଧା ସୁଯୋଗ ଯୋଗାଇଦେବା ସଂପର୍କରେ ଆଲୋଚନା ହୋଇଥିଲା । ଏହି ଅବସରରେ ଆଗାମୀ ଦୁଇ ବର୍ଷ ପାଇଁ ସାତବିଶ ମଣ୍ଡଳର କର୍ମକ ୍ । ଚୟନ କରାଯାଇଥିଲା । ମଣ୍ଡଳର ସଭାପତି ଭାବେ ଅକ୍ଷୟ କୁମାର ସାହୁ, ଗୋପର ଦେବପ୍ରସାଦ ସାହୁଙ୍କୁ ଉପ-ସଭାପତି, ନୟାହାଟର ଭାସ୍କର ଚନ୍ଦ୍ର ସାହୁଙ୍କୁ ସଂପାଦକ, ଅଲଣ୍ଡାର ଉ ମ କୁମାର ସାହୁଙ୍କୁ ସହ-ସଂପାଦକ ଭାବେ ସର୍ବସମତିକ୍ରମେ ଚୟନ କରାଯାଇଥିଲା । ବୈଠକର ନିଷ୍ପ ି ଅନୁଯାୟୀ ଆଗାମୀ ଏକମାସ ମଧ୍ୟରେ ସମଗ୍ର ପୁରୀ ଜିଲ୍ଲାର ଶୌଣ୍ଡିକ ସମାଜର ବ୍ୟକ୍ତିମାନଙ୍କୁ ନେଇ ପୁରୀଠାରେ ଏକ ବୈଠକ ଆୟୋଜନ କରାଯିବ । ଶୌଣ୍ଡିକ ସମାଜର ଅବହେଳିତ ବ୍ୟକ୍ତିମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଇବା ଆମର ମୂଳ ଲକ୍ଷ୍ୟ ବୋଲି କର୍ମକ ୍ମାନେ କହିଥିଲେ । ଏହି ବୈଠକରେ ପୁରୀ ଜିଲ୍ଲା ସାତବିଶ ମଣ୍ଡଳ ଅଧିନରେ ଥିବା କୋଣାର୍କ, ଗୋପ, କାକଟପୁର, ଅସ୍ତରଙ୍ଗ, ନୂଆହାଟ, ନିମାପଡା, ବଳଙ୍ଗା ଓ ବାଲିଘାଇ ଅଧିନରେ ଥିବା ୨୫ଟି ଗ୍ରାମର ୨ଶହରୁ ଅଧିକ ଶୌଣ୍ଡିକ ସମାଜର ବ୍ୟକ୍ତିମାନେ ଉପସ୍ଥିତ ହୋଇଥିଲେ ।

# ବଡ଼ମଙ୍ଗଳପୁର ଗ୍ରାମରେ ସପ୍ତସତୀ ଚଣ୍ଡିଯଜ୍ଞ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚୋରମୁହାଁ ପ ାୟତ ବଡମଙ୍ଗଳପୁର ଗ୍ରାମର ଗ୍ରାମଦେବତୀ ମା କରଂଜେଇଙ୍କ ମନ୍ଦିର ପ୍ରାଙ୍ଗଣରେ ସପ୍ତସତୀ ଚଣ୍ଡି ଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରାତଃ ସମୟରେ ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ପବିତ୍ର ଜଳ ଅଣାଯାଇ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା । କଳସ ଯାତ୍ରା ସମୟରେ ଗ୍ରାମବାସୀମାନେ ରାସ୍ତାରେ ନୂତନ ଶାଢ଼ୀ ବିଛାଇ ଶୋଭାଯାତ୍ରାକୁ ସ୍ୱାଗତ କରିବା ବେଶ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା । ପରେ ଘଟ ସ୍ଥାପନ କରାଯାଇ ସୂର୍ଯ୍ୟ ପୂଜା, ଗୋ ପୂଜା, ଯଜ୍ଞାରମ୍ଭ କରାଯାଇଥିଲା । ପଣ୍ଡିତ ବିଜୟ କୁମାର କରଙ୍କ ପ୍ରତ୍ୟକ୍ଷ ତ ୍ୱାବଧାନରେ ଅନୁଷ୍ଠିତ ଏହି ଯଜ୍ଞ କାର୍ଯ୍ୟରେ ବ୍ରାହ୍ମଣ, ପଣ୍ଡିତ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ଅବସରରେ ମାଙ୍କର ମହାସ୍ନାନ କରାଯିବା ସହ ଷୋଡ଼ଷ ଉପଚାରରେ ପୂଜା କରାଯାଇଥିଲା । ଏହି ସମୟରେ ମାଙ୍କୁ ଦର୍ଶନ କରିବା ପାଇଁ ବଡମଙ୍ଗଳପୁର ଗ୍ରାମବାସୀଙ୍କ ସମେତ ଆଖପାଖ ଅ ଳରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ପରେ ଯଥା ରୀତିନୀତି ଅନୁଯାୟୀ ମାଙ୍କର ପୂଜାର୍ଚ୍ଚନା କରାଯିବା ସହ ଯଜ୍ଞ କାର୍ଯ୍ୟ ସମାପନ ସହ ପୂର୍ଣ୍ଣାହୁତି ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ବଡ଼ମଙ୍ଗଳପୁର ଗ୍ରାମର ଆବାଳ ବୃଦ୍ଧ ବନିତା ସାମିଲ ହୋଇଥିବା ବେଳେ ଗ୍ରାମବାସୀ ଏହାକୁ ପରିଚାଳନା କରିଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ, କିଛି ଦିନ ତଳେ ବଡ଼ମଙ୍ଗଳପୁର ଗ୍ରାମଦେବତୀ ମା କରଂଜେଇଙ୍କ ମନ୍ଦିର ତାଲା ଭାଙ୍ଗି ଦୁର୍ବୃ ମାନେ ମାଙ୍କର ସୁନା ଅଳଙ୍କାର ଲୁଟି ନେଇଥିଲେ । ଫଳରେ ଗ୍ରାମବାସୀମାନେ ଏକାଠି ହୋଇ ଏଭଳି ଯଜ୍ଞର ଆୟୋଜନ କରିଥିଲେ ।

# ଆଜିର ଯୁବପୀଢ଼ି ଓ ବରିଷ୍ଠ ନାଗରିକ

ଭୁବନେଶ୍ୱର(ପିଏନ୍): ଭାରତବର୍ଷର ସ୍ୱପ୍ନ, ସମ୍ଭାବନା ଓ ଭବିଷ୍ୟତ ଦେଶର ଯୁବପିଢ଼ୀଙ୍କ ଉପରେ ନ୍ୟସ୍ତ । ତେବେ ନିକଟ ଭବିଷ୍ୟତରେ ଯୁବ ଶକ୍ତି ଆମ ଦେଶର ସବୁଠାରୁ ବଡ଼ ଶକ୍ତି, ସମ୍ବଳ ଓ ସଂପଦ ହେବାକୁ ଯାଉଛି । ଏ କଥା ବିଭିନ୍ନ ସର୍ବେକ୍ଷଣ ତଥା ପରିସଂଖ୍ୟାନରୁ ସ୍ପଷ୍ଟ ହୋଇଛି । ଏବେ ଆମ ଦେଶରେ ୫୦ ପ୍ରତିଶତଙ୍କ ବୟସ ୨୫ ବର୍ଷ ତଳେ । ଦଶରୁ ଚବିଶ ବର୍ଷ ବୟସ ଗୋଷ୍ଠୀରେ ଏବେ ଅଛନ୍ତି ୩୬୫ ନିୟୁତ ଭାରତୀୟ ଯୁବକ ଯୁବତୀ । ଭାରତୀୟ ଜନ ସଂଖ୍ୟାର ୬୫ ପ୍ରତିଶତଙ୍କ ବୟସ ୩୫ ବର୍ଷ ତଳେ । ଏକ ଆକଳନରୁ ଜଣାପଡ଼ିଛି ଯେ ୨୦୨୦ ମସିହା ଶେଷବେଳକୁ ଭାରତର ଯୁବକଯୁବତୀଙ୍କ ସଂଖ୍ୟା ପୃଥିବୀର ଯେକୌଣସି ଦେଶ ତୁଳନାରେ ସର୍ବାଧିକ ଥିଲା ଏବଂ ସେଇ ସମୟରେ ଭାରତୀୟମାନଙ୍କ ହାରାହାରି ବୟସ ହୋଇଥିଲା ୨୯ । ଏହା ନିଶ୍ଚିତ ଭାବେ ଆଶା ଉଦ୍ରେକକାରୀ । କାରଣ ଯଦି ମାନବ ସମ୍ବଳର ଏକ ବୃହତ୍ ଭାଗ ଯୁବଗୋଷ୍ଠୀ ହେବେ, ତେବେ ସେ ଦେଶର ପ୍ରଗତିର ସେ ଦେଶର ପ୍ରଗତିର ବେଗ ଦ୍ରୁତ ହେବା ଅନିବାର୍ଯ୍ୟ । କିନ୍ତୁ ଏ ପରିପ୍ରେକ୍ଷୀରେ ଆଉ ଏକ ପରିସଂଖ୍ୟାନ ଏହା ବି ଜଣେଇ ଦେଉଛି ଯେ ଭବିଷ୍ୟତର ଯୁବ ଉନ୍ମାଦନା ପରିଚାଳିତ ଭାରତରେ ଏକ ଅଦୃଶ୍ୟ କ୍ଷତ ଭାରତୀୟ ସମାଜକୁ ଯନ୍ତ୍ରଣା ଜର୍ଜରିତ କରୁଥିବ, କିନ୍ତୁ ଅଦୃଶ୍ୟ ହୋଇଥିବା ହେତୁ ତାହା ବାହାରକୁ ଜଣାପଡୁ ନଥିବ । ସେ କ୍ଷତଟି ହେଲା ବରିଷ୍ଠ ନାଗରିକଙ୍କ ସଂଖ୍ୟା ବୃଦ୍ଧି ସହିତ ସେମାନଙ୍କ ଦୟନୀୟସ୍ଥିତି । ବିଭିନ୍ନ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ୬୦ ବର୍ଷ ବୟସରୁ ଅଧିକ ବୟସ ବର୍ଗର ଭାରତୀୟଙ୍କ ସଂଖ୍ୟା ଏବେ ୧୦୪ ନିୟୁତ । କିନ୍ତୁ ଉଦ୍‌ବେଗର କଥା ହେଲା ୨୦୦୬ରୁ ୨୦୫୦ ଭିତର ଅବଧିରେ ଭାରତୀୟ ଜନସଂଖ୍ୟାରେ ୪୦ ପ୍ରତିଶତ ବୃଦ୍ଧି ଦେଖାଦେବାର ସମ୍ଭାବନା ଥିବାବେଳେ ୬୦ବର୍ଷ ବୟସରୁ ଅଧିକ ବୟସ ବର୍ଗର ଲୋକମାନଙ୍କ ସଂଖ୍ୟାରେ କଳ୍ପନାନୀତ ଭାବେ ୨୭୦ ପ୍ରତିଶତ ବୃଦ୍ଧି ଘଟିଥିବ । ଜାତିସଂଘର ଜନସଂଖ୍ୟା ଡିଭିଜନ ସୂତ୍ରରୁ ପ୍ରକାଶ ଯେ ୨୦୫୦ ବେଳକୁ ଭାରତରେ ୮୦ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ହୋଇଥିବ ୪୮ ନିୟୁତ ଏବଂ ୬୦ବର୍ଷ ବୟସରୁ ଅଧିକ ବୟସ ବର୍ଗର ଲୋକଙ୍କ ସଂଖ୍ୟା ହୋଇଥିବ ୩୨୪ ନିୟୁତ । ଏଇ ବୟସ ବର୍ଗର ଲୋକଙ୍କ ଭିତରୁ ଅସଂଖ୍ୟ ବେଶ୍ ସମର୍ଥ ହୋଇଥିବା ସ ୍ୱ କାର୍ଯ୍ୟରୁ ଅବସର ନେବାକୁ ବାଧ୍ୟ ହୋଇଥିବେ ଏବଂ ନିଜ ନିଜ ଘର ଭିତରକୁ ଅପସରି ଯାଇଥିବେ । ବିଭିନ୍ନ କାର୍ଯ୍ୟ କରିବାକୁ ଯୋଗ୍ୟ ହୋଇଥିବା ସ ୍ୱ ସେମାନେ ସୀମାନ୍ତରିତ ହୋଇଯାଇ ଥିବେ । ଜଣାଯାଇଛି ଯେ ଏବେ ଅବସର ନେଉଥିବା ଲୋକଙ୍କ ଭିତରେ ୯୨ ପ୍ରତିଶତ ପେନ୍‌ସନ ପାଆନ୍ତି ନାହିଁ ଏବଂ ୯୦ ପ୍ରତିଶତ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଭିତରେ ଅନ୍ତର୍ଭୁକ୍ତ ନୁହନ୍ତି । ପୃଥିବୀଟା ଯୁବକମାନଙ୍କର ବୋଲି କୁହାଯାଏ । କାରଣ ଯୁବକମାନେ ହିଁ ଏ ଜଗତର ନାନା କାରବାର ଚଳାନ୍ତି । କିନ୍ତୁ କ୍ରମେ ଯେଉଁ ବିଡ଼ମ୍ବିତ ସମୟଟି ଆସିବାକୁ ଯାଉଛି ସେଥିରେ ଦେଖାଯିବ ଯେ ବରିଷ୍ଠ ନାଗରିକମାନେ ଶିକ୍ଷାଦୀକ୍ଷାର ପ୍ରଭାବରୁ, ଖାଦ୍ୟପେୟ ତଥା ଉନ୍ନତ ଚିକିତ୍ସା ସେବାର ପ୍ରସାଦରୁ ଅଧିକ ସକ୍ରିୟ ତଥା ଯୁବକସୁଲଭ ହୋଇପାରିଥିଲେ ମଧ୍ୟ ସେମାନେ ନିଃସଙ୍ଗ ଏବଂ କର୍ମହୀନ ଜୀବନ ଜିଇବାକୁ ବାଧ୍ୟ ହେବେ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆମ ସମୟର ବରିଷ୍ଠ ନାଗରିକଙ୍କ ଉନ୍ନତିକଳ୍ପେ ଅନେକ ଯୋଜନା ଓ ପ୍ରକଳ୍ପ ହାତକୁ ନେଇଛନ୍ତି । ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବରିଷ୍ଠ ନାଗରିକଙ୍କ ଧନଜୀବନ ଓ ସ୍ୱାସ୍ଥ୍ୟ ସୁରକ୍ଷାକୁ ଲକ୍ଷ୍ୟ କରି ସ୍ୱତନ୍ତ୍ର ଭାବେ କିଛି କେନ୍ଦ୍ରୀୟ ଯୋଜନା ହାତକୁ ନେଇଛନ୍ତି ଯାହାକି ପରିଣତ ବୟସରେ ପହ ୍ଥିବା ଜଣେ ଲୋକଟି ପାଇଁ ଆଶା ସଞ୍ଜିବନୀ ସଦୃଶ । ଓଡ଼ିଶା ସରକାର ଆଉ ପାଦେ ଆଗକୁ ଯାଇ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସମସ୍ତ ସହାୟତା ନିମି ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ବିଶେଷକରି କଟକ-ଭୁବନେଶ୍ୱର ଦ୍ୱୈତ ନଗରୀରରେ ଏକାକୀ ରହୁଥିବା ବରିଷ୍ଠ ନାଗରିକମାନେ କିପରି ନିରାପଦରେ ଜୀବନ ନିର୍ବାହ କରିବେ ଓ ତାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଗଲେ ଓଡ଼ିଶା ପୋଲିସର ନିୟୋଜିତ କିଛି ସ୍ୱତନ୍ତ୍ରକର୍ମୀ ମାନେ ସେମାନଙ୍କ ଦାୟିତ୍ୱ ସୁରକ୍ଷା ନେବା ପାଇଁ ଗୃହବିଭାଗ ଏ ନେଇ କାର୍ଯ୍ୟ ଆରମ୍ଭ କରିସାରିଲାଣି । କେବଳ ସେତିକି ନୁହେଁ ବ୍ୟାଙ୍କରୁ ଟଙ୍କା ଉଠାଇବା ହେଉ ବା ନିଜ ଦେହପା ଜନିତ ସମସ୍ୟା ଡାକ୍ତରଙ୍କୁ ଦେଖାଇବା ଏସବୁ କାମ ପାଇଁ ନିକଟଅତୀତରେ ଓଡ଼ିଶା ସରକାରଙ୍କର 'ପୋଲିସ ପୁଅ' ଶୀର୍ଷକ କାର୍ଯ୍ୟକ୍ରମ ହାତକୁ ନେଇ ସମାଜର ଏହି ବର୍ଷିୟାନ ନାଗରିକଙ୍କ ସେବା ପାଇଁ ସମର୍ପିତ ହୋଇପାରିଛି । ସମାଜରେ ଯୁବପିଢ଼ୀମାନେ ପରିଣତ ବୟସରେ ପହ ୍ଥିବା ଏହି ଅଭିଜ୍ଞସମ୍ପନ୍ନ ଓ ଗରିମାମୟ ବ୍ୟକ୍ତିତ୍ୱଙ୍କର ଅନୁଭୂତିକୁ ନିଜ ଜୀବନରେ କାର୍ଯ୍ୟକାରୀ କରିପାରିଲେ ଏକ ସାମାଜିକ ଆନ୍ଦୋଳନ ସୃଷ୍ଟି ହୋଇପାରିବ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ଜିଲ୍ଲାସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ

ବାଲେଶ୍ୱର (ପିଏନ୍)- ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଜିଲ୍ଲାସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ଶ୍ରୀ ସମୀରରଞ୍ଜନ ଦାଶ ଏହି ସମ୍ମିଳନୀକୁ ଉଦଘାଟନ କରି ରାଜ୍ୟ ସରକାର ଏବେ ଶିକ୍ଷାର ବିକାଶ ପାଇଁ ଯଥେଷ୍ଟ ପ୍ରୋତ୍ସାହନ ଦେଉଥିବା ବେଳେ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀମାନେ ନିରନ୍ତର ଉଦ୍ୟମ କରି ଶିକ୍ଷାର ମାନକୁ ଯଥେଷ୍ଟ ବୃଦ୍ଧି କରିବାକୁ ସେ ଆହ୍ୱାନ ଦେଇଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ଶିକ୍ଷାକୁ ଏବେ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି । ତାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସବୁ ସ୍ତରରେ ଉଦ୍ୟମ କରିବାକୁ ସେ ପରାମର୍ଶ ଦେଇଥିଲେ । ବାଲେଶ୍ୱର ହେଉଛି ଫକୀରମୋହନଙ୍କ ମାଟି ଏବଂ ଶିକ୍ଷା କ୍ଷେତ୍ରରେ ଏକ ଆଗୁଆ ଜିଲ୍ଲା । ସମଗ୍ର ରାଜ୍ୟ ଓ ଦେଶରେ ଏହା ଅନ୍ୟମାନଙ୍କ ପାଇଁ ଆଲୋକବର୍ତ୍ତିକା ସାଜିପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ୫-ଟି ଉପକ୍ରମରେ ଏବେ ରାଜ୍ୟର ସ୍କୁଲଗୁଡିକର ରୂପାନ୍ତରୀକରଣ ଚାଲିଛି ଏବଂ ଭିତିଭୂମି ଓ ଶିକ୍ଷାଦାନ କ୍ଷେତ୍ରରେ ଏହିସବୁ ସ୍କୁଲ ବେସରକାରୀ ସ୍କୁଲଠାରୁ ମଧ୍ୟ ଉନ୍ନତ ହୋଇପାରିଛି । ଓଡିଶାକୁ ସମଗ୍ର ଦେଶରେ ଏକ ଅଗ୍ରଗାମୀ ରାଜ୍ୟର ମାନ୍ୟତା ଦେବାକୁ ହେଲେ ଆମ ବିଦ୍ୟାଳୟଗୁଡିକର ଶିକ୍ଷାଦାନ ବ୍ୟବସ୍ଥାକୁ ମଜବୁତ୍ କରି ମାନବସମ୍ବଳର ବିକାଶକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ପଡିବ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ । ଆମ ଜୀବନରେ ଆମେ ଯେଉଁ ସଫଳତାର ଅଧିକାରୀ ହୋଇଛୁ ସେଥିପାଇଁ ଜଣେ ଶିକ୍ଷକର ଭୂମିକା ଓ ମାର୍ଗଦର୍ଶନକୁ ଆମେ କେବେ ବି ଅସ୍ୱୀକାର କରିପାରିବା ନାହିଁ । ତେଣୁ ଶିକ୍ଷା ବ୍ୟବସ୍ଥାର ସୁଦୃଢୀକରଣ ଏହାର ମାନ ବଢାଇବାକୁ ଏକ ଆହ୍ୱାନ ଭାବେ ଆମକୁ ଗ୍ରହଣ କରିବାକୁ ପଡିବ ଏବଂ ଏଥିପାଇଁ ସଚେତନ ହେବାକୁ ପଡିବ । ଏଣିକି ସ୍କୁଲର ପରୀକ୍ଷା ଫଳାଫଳ ଏବଂ ଅଧ୍ୟୟନ ଓ ଶିକ୍ଷାଗ୍ରହଣ କ୍ଷେତ୍ରରେ ପିଲାର ଉପଯୁକ୍ତ ବିକାଶ ପାଇଁ ସମ୍ପୃକ୍ତ ସ୍କୁଲର ଶିକ୍ଷକ-ଶିକ୍ଷୟିତ୍ରୀମାନେ ଉତରଦାୟୀ ରହିବେ । ଆଶାନୁରୂପ ଫଳାଫଳ ନ ହେଲେ ଏବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମାନ୍ୟବର ମନ୍ତ୍ରୀ ଏହି ଅବସରରେ ଚେତାଇଦେଇଥିଲେ । ମୋ ସ୍କୁଲ ଅଭିଯାନରେ ବାଲେଶ୍ୱର ଜିଲ୍ଲାର ପ୍ରଦର୍ଶନକୁ ସେ ପ୍ରଶଂସା କରିବା ସହିତ କୋଭିଡ ସମୟରେ ଛାତ୍ରଛାତ୍ରୀଙ୍କ ଶିକ୍ଷା ବ୍ୟାହତ ହୋଇଥିବାରୁ ସେ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଥିବା ସେ ପ୍ରକାଶ କରିଥିଲେ । ଅନଲାଇନ ଶିକ୍ଷା କେବେ ବି ଶ୍ରେଣୀ ଶିକ୍ଷାର ବିକଳ୍ପ ହୋଇପାରିବ ନାହିଁ । ତେଣୁ ଏବେ ଶ୍ରେଣୀ ଶିକ୍ଷା ମାଧ୍ୟମରେ ପିଲାଙ୍କ ଜ୍ଞାନର ପରିସୀମା ବୃଦ୍ଧି ପାଇଁ ପ୍ରୟାସ କରାଯାଉଥିବା ସେ କହିଥିଲେ । ଓଡିଶା ଆଦର୍ଶ ବିଦ୍ୟାଳୟ, ଛାତ୍ର-ଶିକ୍ଷକ ଅନୁପାତରେ ସମନ୍ୱୟ, ବେସରକାରୀ ସ୍କୁଲରେ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ପିଲାଙ୍କ ପାଇଁ ସଂରକ୍ଷଣ, ଛାତ୍ର-ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ବୃତି ଠିକ୍ ସମୟରେ ପ୍ରଦାନ,



ନିର୍ଦ୍ଧାରିତ ସମୟରେ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ପେନସନ ପ୍ରଦାନ ଇତ୍ୟାଦି ଉପରେ ମଧ୍ୟ ମାନ୍ୟବର ମନ୍ତ୍ରୀ ଆଲୋକପାତ କରିଥିଲେ । ଏହି ଅବସରରରେ ସେ ୪ଜଣ ମହିଳାଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ । ଏହି ସମ୍ମିଳନୀରେ ମାନ୍ୟବର ସିମୁଳିଆ ବିଧାୟକ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ମାନ୍ୟବର ବାଲେଶ୍ୱର ସଦର ବିଧାୟକ ଶ୍ରୀ ସ୍ୱରୂପ କୁମାର ଦାସ, ମାନ୍ୟବର ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ମାନ୍ୟବର ରେମୁଣା ବିଧାୟକ ଶ୍ରୀ ସୁଧାଂଶୁଶେଖର ପରିଡା ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଏଭଳି ଏକ ପ୍ରଧାନଶିକ୍ଷକ ସମ୍ମିଳନୀର ଆୟୋଜନକୁ ପ୍ରଶଂସା କରିଥିଲେ । ସମାଜ ଗଠନରେ ଜଣେ ପ୍ରଧାନଶିକ୍ଷକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆଗାମୀ ପିଢି ତିଆରିର ଦାୟିତ୍ୱ ତାଙ୍କ ହାତରେ ନ୍ୟସ୍ତ । ତେଣୁ ସେମାନେ ଏହି ଦାୟିତ୍ୱ ନେଇ ବାଲେଶ୍ୱର ଜିଲ୍ଲାକୁ ଶିକ୍ଷାକ୍ଷେତ୍ରରେ ଆଗଧାଡିରେ ଛିଡା କରିବାକୁ ସେମାନେ ପରାମର୍ଶ ଦେଇଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ଶିକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ୫-ଟି ସ୍କୁଲ ରୂପାନ୍ତରୀକରଣ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଭିତିଭୂମି ବିକାଶ ପାଇଁ ଯେଉଁ ପଦକ୍ଷେପ ନେଇଛନ୍ତି, ତାହାର ସେମାନେ ଉଚ୍ଚ ପ୍ରଶଂସା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବିଷ୍ଣୁ ଚରଣ ସୂତାର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ସମ୍ମିଳନୀ ଉଦଘାଟନ ଅବସରରେ ଶକୁନ୍ତଳା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ବେଦପାଠ, ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା । ସେହିପରି ମାନ୍ୟବର ମନ୍ତ୍ରୀ ଓ ବିଧାୟକମାନଙ୍କ ସମେତ ସମସ୍ତ ମଂଚାସୀନ ଅତିଥିମାନଙ୍କୁ ଉତରୀୟ ଓ ସ୍ମୃତିଫଳକ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ ଶ୍ରୀ ସମ୍ବିତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମ୍ମିଳନୀରେ ଜିଲ୍ଲାରେ କାର୍ଯ୍ୟରତ ୩ଜଣ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ୧୨ଟି ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ, ମୋ ସ୍କୁଲ ଜିଲ୍ଲା ସଂଯୋଜକ, ଜିଲ୍ଲା ବିଜ୍ଞାନ ପରିଦର୍ଶକ, ପ୍ରାୟ ୨୮୦ଟି ହାଇସ୍କୁଲ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଓ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସମେତ ଅନ୍ୟାନ୍ୟ ସରକାରୀ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।






# ଦକ୍ଷିଣ ଓଡିଶା ଉନ୍ନୟନ ପରିଷଦର ବାର୍ଷିକ ଉତ୍ସବ ପାଳନ




ଭୁବନେଶ୍ୱର,(ପି.ଏନ): ଦକ୍ଷିଣ ଓଡିଶାର ବିକଶିତ କାୟାକଳ୍ପ ନିମନ୍ତେ ଚିନ୍ତା ଓ ପରିକଳ୍ପନା କରୁଥିବା ଏକମାତ୍ର ପଞ୍ଜିକୃତ ସଂଗଠନ 'ଦକ୍ଷିଣ ଓଡିଶା ଉନ୍ନୟନ ପରିଷଦ' ଆଜକୁ ୨୦ବର୍ଷ ହେଲା ତୃଣମୂଳ ସ୍ତରରୁ ରାଜ୍ୟ ରାଜଧାନୀ ଭୁବନେଶ୍ୱର ଯାଏଁ ସମଗ୍ର ଦକ୍ଷିଣ ଓଡିଶାର ୭ଜିଲ୍ଲା ପାଇଁ କାର୍ଯ୍ୟ କରିଆସୁଅଛି। ଯେଉଁ ୭ଟି ଜିଲ୍ଲା କୁ ନେଇ ଏହି ସଙ୍ଗଠନ ଗଢାଯାଇଛି ତାହା ହେଉଛି ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କନ୍ଧମାଳ, ଗଜପତି ଓ ଗଞ୍ଜାମ। ପ୍ରତିବର୍ଷ ତାହାର ବାର୍ଷିକ ସାଧାରଣ ଅଧିବେସନ ଆହୁତ କରି ବାର୍ଷିକ ଉତ୍ସବ ପାଳନ କରିବା ସହ ଦକ୍ଷିଣ ଓଡିଶା ଉନ୍ନୟନ ପରିଷଦର ମୁଖପତ୍ର ଦକ୍ଷିଣାବର୍ତ୍ତର ଉନ୍ମୋଚନ କରାଯାଇଥାଏ। ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦର କାର୍ଯ୍ୟ ନିର୍ବାହୀ ସଭାର ନିଷ୍ପତ୍ତି ଅନୁସାରେ ପରିଷଦର ବାର୍ଷିକୋତ୍ସବ ତଥା ସାଧାରଣ ଅଧିବେଶନ ଚଳିତ ସେପ୍ଟେମ୍ବର ୨୭ ତାରିଖ, ଶୁକ୍ରବାର ଦିନ ଗୀତଗୋବିନ୍ଦ ସଦନରେ ପରିଷଦର ସଭାପତି ଭୃଗୁ ବକ୍ସିପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଅଛି। ଏଥିରେ ବରେଣ୍ୟ ଅତିଥି ଭାବରେ ମାନ୍ୟବର ରାଜ୍ୟସଭା ସାଂସଦ ମୁନା ଖାଁ, ସମ୍ମାନୀୟ ଅତିଥି ଭାବରେ ମାନ୍ୟବର ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ, ସଂଗଠନର ସଂପାଦକ ବିପିନ ବିହାରୀ ପଣ୍ଡା, ଦକ୍ଷିଣାବର୍ତ୍ତର ସମ୍ପାଦକ ସ୍ୱଦେଶ ସୁନ୍ଦର ପଟ୍ଟନାୟକ, ସଭାପତି ଭୃଗୁ ବକ୍ସିପାତ୍ର ମଞ୍ଚାସୀନ ଥିଲେ। ଅତିଥି ମାନଙ୍କ ଦ୍ୱାରା ଦକ୍ଷିଣାବର୍ତ୍ତର ୧୧ତମ(ଏକାଦଶ) ସଂକଳନ ଉନ୍ମୋଚିତ ହେଲା। ସମଗ୍ର ଓଡିଶା ସମେତ ଦେଶକୁ ଭୌଗଳିକ ପ୍ରାକୃତିକ ସମ୍ପଦ, ଜୈବ ବିବିଧତା, ସୁଦକ୍ଷ ଏବଂ ସର୍ବବର୍ଗ କୁଶଳୀ ମାନବ ସମ୍ବଳ, ଓ ରାଜସ୍ୱର ସିଂହଭାଗ ଅଂଶ ପ୍ରଦାନ କରୁଥିଲେ ମଧ୍ୟ ଦକ୍ଷିଣ ଓଡିଶାର ୭ଜିଲ୍ଲା ଆଶାନୁରୂପ ବିକାଶରୁ ବଞ୍ଚିତ। କେନ୍ଦ୍ର ଓ ରାଜ୍ୟ ଦଳମତ ନିର୍ବିଶେଷରେ ଯିଏ ରାଜଆସନରେ ବସିଛନ୍ତି ସେହି ସରକାରଙ୍କୁ ସିଂହଭାଗ ସକରାତ୍ମକ ରାଜନୈତିକ ସହଯୋଗ କରୁଥିଲେ ମଧ୍ୟ ଓଡିଶାର ଅନ୍ୟ ଅଞ୍ଚଳତୁଳନାରେ ଦକ୍ଷିଣ ଓଡିଶା ଲାଭାନ୍ୱିତ ନୁହେଁ, ବରଂ ରାଜନୈତିକ ଲାଭରୁ ମଧ୍ୟ ଉପେକ୍ଷିତ ଅଟେ।

ପଶ୍ଚିମ ଓଡିଶା ଉନ୍ନୟନ ପରିଷଦ ଗଠନ କରି ଅଞ୍ଚଳର ବିକାଶରେ ସରକାର ଗୁରୁତ୍ୱ ପ୍ରଦାନ କରିଛନ୍ତି ଏବଂ ବର୍ତ୍ତମାନ ଉତ୍ତର ଓଡିଶାର ଲାଭ ପାଇଁ ଉତ୍ତର ଓଡିଶା ଉନ୍ନୟନ ପରିଷଦ ଗଠନ କାର୍ଯ୍ୟକୁ ବହୁ ଆଗକୁ ନେଲେଣି ଅଥଚ ଦକ୍ଷିଣ ଓଡିଶା ଉନ୍ନୟନ ପରିଷଦ ଗଠନ ପାଇଁ ସରକାର ଆନ୍ତରିକତାର ସହ ପାଦେ ମଧ୍ୟ ଆଗେଇ ନାହାଁନ୍ତି। ସୌଭାଗ୍ୟ କିମ୍ବା ସଂଯୋଗ ବଶତଃ ବର୍ତମାନ ରାଜ୍ୟ ସରକାର ଯେଉଁ ଦକ୍ଷିଣ ଓଡିଶା ଉନ୍ନୟନ ପରିଷଦ ଗଠନ କରିବା ପାଇଁ ବର୍ତ୍ତମାନ ଚିନ୍ତା କରୁଥିବା କହୁଛନ୍ତି ଆମ ସଂଗଠନର ନାମ ମଧ୍ୟ ସରକାରଙ୍କ ଚିନ୍ତା ସହ ସମାନ। ଏଣୁ ସରକାର କାଳବିଳମ୍ବ ନକରି ଉତ୍ତର ଓଡିଶା ଉନ୍ନୟନ ପରିଷଦ ଭଳି ରାଜସ୍ୱରେ ଅଗ୍ରଭାଗରେ ରହୁଥିବା ପଛୁଆ ଦକ୍ଷିଣ ଓଡିଶା ପାଇଁ ଅବିଳମ୍ବେ ଦକ୍ଷିଣ ଓଡିଶା ଉନ୍ନୟନ ପରିଷଦ ଗଠନ କରନ୍ତୁ। ଆମ ସଙ୍ଗଠନ ଏଥି ପାଇଁ ସମ୍ପୂର୍ଣ୍ଣ ସହଯୋଗର ହାତ ବଢ଼ାଇବା ପାଇଁ ଦୃଢ ପ୍ରତିଶୃତି ଦେଉଛି। ପ୍ରାଥମିକତା ଭାବରେ ସମ୍ପୃକ୍ତ ୭ଟି ଜିଲ୍ଲାରେ ଜଙ୍ଗଲ ଓ କୃଷି ଭିତ୍ତିକ ଅର୍ଥନୈତିକ ବିକାଶ ପ୍ରତି ଦୃଷ୍ଟି ଦିଆଯାଉ, ଏହି ସବୁ ଜିଲ୍ଲାରୁ ଯେଉଁ ମାନେ ଅନ୍ୟ ରାଜ୍ୟ ତଥା ଦେଶବିଦେଶରେ ରୋଜଗାର ଖୋଜିବାକୁ ଯାଉଛନ୍ତି ସେମାନଙ୍କ କର୍ମ କୁଶଳତା ଉପରେ ପର୍ଯ୍ୟବେସିତ କାର୍ଯ୍ୟକ୍ରମ ହାତକୁ ନେଇ ସରକାର ସ୍ଥାନୀୟ ଭାବରେ ଯୋଜନା ପ୍ରଣୟନ କରି ଥଇସ୍ଥାନ କରନ୍ତୁ। କୁଟୀର ଶିଳ୍ପର ବିକାଶ ପାଇଁ ମଧ୍ୟ ଅନେକ ସୁଯୋଗ ସୃଷ୍ଟି କରାଯାଇପାରେ। ପୂରାଣ ପ୍ରଶିଦ୍ଧ ଐତିହାସିକ ମହେନ୍ଦ୍ରଗିରି ରେ ପର୍ଯ୍ୟଟନର ବିକାଶ ପାଇଁ ସରକାର ଅନେକ ପଦକ୍ଷେପ ନେଇଥିବା ବେଳେ ଏହି ପାହାଡ ସମୂହକୁ ଏକ ସଂରକ୍ଷିତ ଜୈବମଣ୍ଡଳର ମାନ୍ୟତା ଦେବାପାଇଁ ବିଚାରାଧୀନ ଥିବା ପ୍ରସ୍ତାବ ବିଷୟରେ ମଧ୍ୟ ଚିନ୍ତା କରିବାର ଆବଶ୍ୟକତା ରହିଛି। ଅଣପାରମ୍ପରିକ ଶକ୍ତି ଯଥା ସୌରଶକ୍ତି, ପବନ ଚାଳିତ ଶକ୍ତି, ଜୈବିକ ଶକ୍ତି, ଜଳବିଦ୍ୟୁତ ଶକ୍ତି ଇତ୍ୟାଦି ର ଅନେକ ସୁଯୋଗ ରହିଛି। ପର୍ଯ୍ୟଟନ ବିକାଶ ପାଇଁ ମଧ୍ୟ ଅନେକ ଉତ୍ସ ରହିଛି ଯାହା ପରିବେଶ ଦୃଷ୍ଟିରୁ ଏକ ନିରାପଦ ପର୍ଯ୍ୟଟନ ଶିଳ୍ପବୃତ ପାଇଁ ସୁଯୋଗ୍ୟ ଓ ସୁରମ୍ୟ ସ୍ଥାନ। ୨୦୧୧ ମସୀହା ଠାରୁ ଲଗାତର ଭାବରେ ଦକ୍ଷିଣ ଓଡିଶା ପ୍ରାୟତଃ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ହୋଇଛି, ତେଣୁ ବର୍ତ୍ତମାନ ବଢି ଚାଲିଥିବା ଜଳବାୟୁ ପରିବର୍ତନ ଜନିତ ବିପର୍ଯ୍ୟୟର ମୁକାବିଲା ପାଇଁ ସମୟୋଚିତ ପଦକ୍ଷେପ ନେବା ନିହାତି ଜରୁରୀ ଅଟେ।ଓଡିଶାର ସୁଦୀର୍ଘ ବେଳା ଭୂମିର ବିକାଶ ବିଷୟରେ ଚିନ୍ତା କଲାବେଳେ ଋଷିକୂଲ୍ୟା ମୁହାଣ ଠାରୁ ବାହୁଦା ମୁହାଣ, ଚିଲିକା ଲୁଣା ହ୍ରଦର ବିକାଶ ତଥା ସ୍ଥାନୀୟ ଅଧିବାସୀଙ୍କ ଥଇଥାନ ବିଷୟରେ ଧ୍ୟାନ ଦେବା ଅତ୍ୟନ୍ତ ଜରୁରୀ ଅଟେ। ଏଭଳି ଅନେକ କିଛି ପ୍ରସଙ୍ଗର ଅନୁଧ୍ୟାନ ତଥା ବିହିତ ପଦକ୍ଷେପର ଆବଶ୍ୟକତା ରହିଛି ବୋଲି ମତ ପୋଷଣ ହୋଇଥିଲା। ମୁଖ୍ୟଅତିଥି ସାଂସଦ ମୁନ୍ନା ଖାଁ ଦକ୍ଷିଣ ଓଡିଶାର ବିକାଶ ପାଇଁ ଗୋଟେ ପ୍ରତିନିଧି ମଣ୍ଡଳୀ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବାକୁ ପ୍ରସ୍ତାବ ରଖିଥିଲେ। ଦକ୍ଷିଣ ଓଡିଶା ଉନ୍ନୟନ ପରିଷଦର ସମସ୍ତ ଦାବି ଏବଂ ପ୍ରସ୍ତାବ ସରକାର ମାନିନେବେ ଏବଂ ସହଯୋଗ କରିବେ ବୋଲି ଆଶାବ୍ୟକ୍ତ କରିଥିଲେ।

ସମ୍ମାନୀତ ଅତିଥି ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ ବିକାଶ କ୍ଷେତ୍ରରେ କୌଣସି ପ୍ରକାର ପାତର ଅନ୍ତରକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ। ଦୀର୍ଘ ୨ଦଶନ୍ଧି ଧରି ଦକ୍ଷିଣ ଓଡିଶାର ସ୍ୱରକୁ ଦକ୍ଷିଣ ଓଡିଶା ଉନ୍ନୟନ ପରିଷଦ ସ୍ୱରଉତ୍ତୋଳନ କରିବା ସହ ସଂଗ୍ରାମ ଜାରି ରଖିଥିବା ଯୋଗୁଁ ସଂଗଠନର ସମସ୍ତ ସଦସ୍ୟଙ୍କୁ ସାଧୁବାଦ ଦେଇଥିଲେ। ଦକ୍ଷିଣ ଓଡିଶା ଯଥେଷ୍ଟ ଭାବେ ଅଣଦେଖା ହୋଇ ରହିଛି, ତାହାର ଆନୁପାତିକ ବିକାଶ ପାଇଁ ବିଧାନସଭାରେ ଲଢେଇ କରିବା ପାଇଁ ଦୃଢୋକ୍ତି ପ୍ରଦାନ କରିଥିଲେ।ଝକଉଏ ମହାବିଦ୍ୟାଳୟ କିପରି ଖୁବଶିଘ୍ର ବିଶ୍ୱବିଦ୍ୟାଳୟ ଘୋଷଣା ଏବଂ ଏକ କ୍ରୀଡା କମ୍ପ୍ଲେକ୍ସ ପାଇଁ ସରରକାରଙ୍କ ନିକଟରେ ମତ ରଖିବେ ବୋଲି କହିଥିଲେ। ପୋଲଭରମ ଓ କୁଟିଆ ଉପରେ ବିଧାନସଭାରେ ଲଢେଇ ଜାରି ରହିବ ବୋଲି କହିଛନ୍ତି।ସଭାପତି ଭୃଗୁବକ୍ସି ପାତ୍ର କହିଥିଲେ ଗୋପାଳପୁର ବନ୍ଦର ଆନ୍ତର୍ଜାତୀୟ ବୃହତ କାର୍ଯ୍ୟକ୍ଷମ ବନ୍ଦର ହେବ ଏହା ସୌଭାଗ୍ୟର କଥା କିନ୍ତୁ ଦକ୍ଷିଣ ଓଡିଶାର ଯୁବକଯୁବତୀ ପାଇଁ ଅଧିକ ନିଯୁକ୍ତି ସୃଷ୍ଟି ହେବ କି ? ଏହା ଦ୍ୱାରା ଦକ୍ଷିଣ ଓଡିଶାର ପରିବେଶ ଉପରେ ଯେପରି କୁପ୍ରଭାବ ନପଡୁ। ସମଗ୍ର ଓଡିଶା ଯେପରି କେନ୍ଦ୍ର ସରକାରଙ୍କୁ ଓଡିଶା କେତେ ଦେଉଛି ଏବଂ ଓଡିଶାକୁ କେନ୍ଦ୍ର କେତେ ପ୍ରଦାନ କରୁଛନ୍ତି ତାହାର ଯେପରି ହିସାବ ମଗାଯାଉଛି ଠିକ୍ ସେହିପରି ଦକ୍ଷିଣ ଓଡିଶା, ଓଡିଶାକୁ କଣ ଦେଉଛି ଆଉ ତାହାର ପ୍ରତିଦାନରେ କଣ ଦକ୍ଷିଣ ଓଡିଶା ପାଉଛି ତାହାର ଏକ ହିସାବ ହେବା ଉଚିତ। ସେଥିରେ ଉପେକ୍ଷା ହେଲେ ଛଡେଇ ନେବାରେ ମଧ୍ୟ କୌଣସି ଆପତ୍ତି ନାହିଁ। ରେଲୱେ, ହାଇଡ୍ରୋ ଇଲେକ୍ଟ୍ରିକ କ୍ଷେତ୍ରରେ ଦକ୍ଷିଣ ଓଡିଶାର ବିଶିଷ୍ଟ ଅବଦାନ ଥିଲେ ମଧ୍ୟ ଏଥିରେ ହିଁ ବେଶୀ ଉପେକ୍ଷା ହେଉଛି ବୋଲି ମତ ରଖିଥିଲେ। ଆଗାମୀ ଦିନରେ ଦକ୍ଷିଣ ଓଡିଶା ଉନ୍ନୟନ ପରିଷଦକୁ ଉପଖଣ୍ଡସ୍ତରୀୟ ଏକକ କ୍ଷେତ୍ର ମାଧ୍ୟମରେ ସଂଗଠନକୁ ମଜବୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ବିଭିନ୍ନ ଜିଲ୍ଲା ଓ ଉପଖଣ୍ଡ ସ୍ତରୀରୁ ଆସିଥିବା ସକ୍ରିୟ ସଦସ୍ୟ ମାନେ ବିଭିନ୍ନ ମତାମତ ରଖିଥିଲେ। ଆଗମୀ ସାଂଗଠନିକ ନୀତି ନିର୍ଦ୍ଧାରଣ କରିଥିଲେ। ଦକ୍ଷିଣ ଓଡ଼ିଶାର ସାମଗ୍ରିକ ବିକାଶର ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରାଯାଇ ଏକ ସ୍ଥାୟୀ ବିକାଶର ଉନ୍ନୟନ ଖସଡା ପ୍ରସ୍ତୁତ କରାଗଲା। ଦ୍ୱିତୀୟ ଅଧିବେଶନରେ ଆଗାମୀ ୨ବର୍ଷ ପାଇଁ ଦକ୍ଷିଣ ଓଡିଶା ଉନ୍ନୟନ ପରିଷଦର ସାଂଗଠନିକ ନିର୍ବାଚନ ଅବସର ପ୍ରାପ୍ତ ପ୍ରଫେସର ତଥା ପରିବେଶ ବିତ୍ ଡଃ. ସୁନ୍ଦର ନାରାୟଣ ପାତ୍ର ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ହୋଇଥିଲା। ନିର୍ବାଚନରେ ଆଗାମୀ ୨ବର୍ଷ ପାଇଁ ସଭାପତି ଭାବରେ ଭୃଗୁ ବକ୍ସିପାତ୍ର ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ଉପସଭାପତି ବିପିନ ବିହାରୀ ପଣ୍ଡା, ସମ୍ପାଦକ ବି.ସୀତାରାମ ପାତ୍ର, କୋଷାଧ୍ୟକ୍ଷ ରାଜକିଶୋର ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକଉମାକାନ୍ତ ପାତ୍ର ନିର୍ବାଚିତ ହୋଇଥିଲେ । ୧୦ଜଣ କାର୍ଯ୍ୟକାରୀ ସଦସ୍ୟ ସ୍ୱଦେଶ ସୁନ୍ଦର ପଟ୍ଟନାୟକ, ଗାନ୍ଧୀ ଚୌଧୁରୀ ରବିନ୍ଦ୍ର କୁମାର ନାହାକ, ମାନସ ତ୍ରିପାଠି, ସାଗର ଶତପଥି, ଅନନ୍ତ ନାରାୟଣ ମହାନ୍ତି, ସୁନିତା କୁମାରୀ ପାତ୍ର, ଉର୍ମି ଡାନିୟଲ, ନୃସିଂହଚରଣ ପଣ୍ଡା, ବିସ୍ମୟ ମହାପାତ୍ର। ସାତ ଜିଲ୍ଲାର ୩ଟି ଡିଭିଜନ ଅତି ସକ୍ରିୟ ହୋଇଥିବା ବେଳେ ଆଗାମୀ ସମୟରେ ୯ଟି ଡିଭିଜନରେ ଶାଖା ପାଇଁ ପଦକ୍ଷେପ ନିଆଯିବ ବୋଲି ନୂତନ କମିଟି ଗଠନ ପରେ ସଭପତି ମତ ରଖିଥିଲେ। ଉମାକାନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ। ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ୍ୟ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍ଆଇରେ, ଇନ୍ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ। ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ି ଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉତ୍ତମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍

ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍ଆଇରେ, ଇନ୍ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ। ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ି ଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉତ୍ତମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ରଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।




# ହୀଦ ବାଜି ରାଉତଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ଦାବିରେ ମହିଳା ଶିଶୁ ବିଭାଗ ମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ପତ୍ର

ଭୁବନେଶ୍ୱର, (ପିଏନ)– ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବାଜି ରାଉତ (୫ ଅକ୍ଟୋବର ୧୯୨୬ - ୧୧ ଅକ୍ଟୋବର ୧୯୩୮)ଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରିବା, ଜାତୀୟ ସ୍ତରରେ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା ଓ ରାଜଧାନୀରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦାବିକରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦେଶର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀଙ୍କ ପାଖକୁ ଆଜି ବାଜି ରାଉତଙ୍କ ୮୨ତମ ଶହୀଦ ଦିବସ ଉପଲକ୍ଷେ ଏକ ପତ୍ର ଲେଖାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଲିଖିତ ଏହି ପତ୍ରର ଏକକିତା ନକଲ ଦେଶର ପ୍ରଧାନମନ୍ତ୍ରୀ, କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ପ୍ରଦାନ କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ନେବାପାଇଁ ଅନୁରୋଧ କରାଯାଇଛି । ଏହି ପତ୍ରରେ ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ, ୧୨ ବର୍ଷର ବାଳକ ବାଜି ରାଉତଙ୍କର ତ୍ୟାଗ ଅତୁଳନୀୟ । ଜାତୀୟ ଇତିହାସ ପୃଷ୍ଠାରେ ତାଙ୍କ ତ୍ୟାଗ ପାଇଁ ଯେଉଁ ସ୍ଥାନ ମିଳିବା କଥା, ତାହା ମିଳିପାରିନାହିଁ । ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ଥିଲେ ସର୍ବକନିଷ୍ଠ ଶହୀଦ । ଆଜିର ପିଢୀ ତାଙ୍କ ଜୀବନୀରୁ ଅନେକ କିଛି ଶିଖିପାରିବ। ଆଜିର ଶିଶୁମାନଙ୍କ ଭିତରେ ବାଜି ରାଉତଙ୍କ ତ୍ୟାଗ ଓ ସାହାସର ବ୍ୟାପକ ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି । ତେଣୁ ଏହାକୁ ଆଖି ଆଗରେ ରଖି ଶହୀଦ ବାଜି ରାଉତଙ୍କ ନାମରେ ଜାତୀୟ ସ୍ତରରେ ଏକ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରାଯାଉ ଏବଂ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା କରାଯାଇ ତାଙ୍କ ପ୍ରତିମୂର୍ତ୍ତିକୁ ସେଠାରେ ସ୍ଥାନିତ କରାଯିବାକୁ ଶ୍ରୀ ବେହେରା ଦାବି କରିଛନ୍ତି । ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଏ ଦିଗରେ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବାପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଇ-ମେଲ୍ ଯୋଗେ ଏକ ପତ୍ର ପ୍ରଦାନ କରି ଅନୁରୋଧ କରିଛନ୍ତି ।

## ଚୋରା ମଦ ବିକ୍ରି ବନ୍ଦ କରିବାକୁ ଯାଇଥିବା ମହିଳା ପୁଲିସଙ୍କୁ ଆକ୍ରମଣ

# ଜଣେ ଗିରଫ, ଅନ୍ୟମାନେ ଫେରାର

ବାରିପଦା,(ପିଏନ)– ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ତଥା ବିଶୋଇ ଥାନା ନିକଟ ଶନିବାର ସାପ୍ତାହିକ ହାଟରେ କେତେକ ମହିଳା ସବୁ ଦିନ ବସି ହାଣ୍ଡିଆ ସହ ମହୁଲି ମଦ ବିକ୍ରି କରିଥାନ୍ତି । କେବଳ ହାଟ ବାରି ଦିନ ହାଣ୍ଡିଆ ଓ ମଦ ପିଇବା ନିମନ୍ତେ ସେମାନଙ୍କ ନିକଟରେ ବେଶ ଗହଳି ଜମି ଥାଏ । ଏହି ହାଣ୍ଡିଆ ଓ ଦେଶୀ ମହୁଲି ମଦ ବିକ୍ରିକୁ ବନ୍ଦ କରିବା ନିମନ୍ତେ ବିଶୋଇ ଥାନା ମହିଳା ପୁଲିସ କର୍ମଚାରୀ ମଞ୍ଜୁଲତା ସାହୁ ହାଣ୍ଡିଆ ଓ ମଦ ବିକ୍ରି କରୁଥିବା ମହିଳାମାନଙ୍କୁ ତାଗିଦ କରିଥିଲେ । କିନ୍ତୁ ପୁଲିସର ସତର୍କବାଣିକୁ ମହିଳାମାନେ ନ ମାନି ସେମାନଙ୍କର ବ୍ୟବସାୟ ଜାରି ରଖିଥିଲେ । ଖବରପାଇ ବିଶୋଇ ଥାନା ମହିଳା ପୁଲିସ ପହଁଚି ହାଣ୍ଡିଆ ଓ ମଦ ବିକ୍ରିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ଉଭୟଙ୍କ ମଧ୍ୟରେ ପ୍ରଥମେ କଥାକଟାକଟି ଓ ପରେ ହାତାହାତି ଆରମ୍ଭ ହୋଇଯାଇଥିଲା । ଦୁଇ ଜଣ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀ ଯାଇଥିବା ମହିଳା ପୁଲିସ କର୍ମଚାରୀମାନଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ । ଏହାପରେ ମହିଳା ପୁଲିସ କର୍ମଚାରୀ ମଧ୍ୟ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀମାନଙ୍କୁ ଆକ୍ରମଣ କରୁଥିବାର ଏକ ଭିଡ଼ିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହାପରେ ମହିଳା ପୁଲିସ କର୍ମଚାରୀ ସ୍ଥାନୀୟ କାଣ୍ଡରା ଗ୍ରାମର କାପୁରା ମାର୍ଣ୍ଡିଙ୍କୁ ଧରି ଥାନାକୁ ନେଇ ଯାଇଥିଲେ ଏବଂ ଥାନାରେ ୯୯/୨୦୨୦ରେ ଏକ ମାମଲା ରୁଜୁ କରି ବେଆଇନ ଭାବେ ଚୋରା ମଦ ବିକ୍ରି କରିବା ଓ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଭିଯୋଗରେ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି । ପୁଲିସ ପକ୍ଷରୁ ତାକୁ ଧରିବା ନିମନ୍ତେ ତଲାସୀ ଜାରି ଥିବାର ଜଣାପଡ଼ିଛି ।

# ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ

ଭୁବନେଶ୍ୱର, (ପିଏନ)– ଆନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଆଜି ପୂର୍ବାହ୍ନରେ ଆୟୋଜିତ ରାଜ୍ୟସ୍ତରୀୟ ୱେବିନାରରେ ରାଜ୍ୟର କିଶୋରୀମାନଙ୍କ ନିମନ୍ତେ ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି ମୋ ସ୍ୱର, ଆମର ସମାନ ଭବିଷ୍ୟତ । ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ଏହି ପ୍ୟାକେଜ ଲୋକାର୍ପିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରାଜ୍ୟର ୧୦ରୁ ୧୯ ବର୍ଷ ବୟସର କିଶୋରୀମାନଙ୍କ ସାମଗ୍ରିକ ବିକାଶ ଏବଂ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ଏବଂ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଜରିଆରେ ଏହା କାର୍ଯ୍ୟକାରୀ କରାଯିବ ।

ଏହି ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ସାହୁ କହିଲେ, ଅଦ୍ୱିକାର ଅର୍ଥ ଅଦ୍ୱିତୀୟ କରି ଗଢ଼ି ତୋଳିବାରେ ଏହା ଏକ ଅଭିନବ ପ୍ରୟାସ । ନିଜ ସମସ୍ୟାକୁ ବୁଝିପାରିଲେ ନିଜ ଅଧିକାର ପାଇଁ ସେମାନେ ଲଢ଼ି ଶିଖିବେ ଏବଂ ସମାଜରେ ଦୃଢ଼ ଭାବେ ଠିଆ ହୋଇପାରିବେ । ପ୍ରତ୍ୟେକ ଝିଅଙ୍କ ସୁରକ୍ଷିତ, ସୁଖପୂର୍ଣ୍ଣ ଉଜ୍ଜଳ ଭବିଷ୍ୟତ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ।

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

Bhubaneswar Sunday September 29 2024 ଭୁବନେଶ୍ୱର ରବିବାର, ସେପ୍ଟେମ୍ବର ୨୯,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

## ଅନୁଗୋଳର ଲୋକକଥା ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,(ପି.ଏନ): ବିଶିଷ୍ଟ ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟିଙ୍କ ପୁସ୍ତକ ' ଅନୁଗୋଳର ଲୋକକଥା ' ଆଜି ଉନ୍‌ମୋଚିତ ହୋଇଯାଇଛି । ଜିଲ୍ଲା ସାହିତ୍ୟ ସଂସଦ ଆନୁକୁଲ୍ୟରେ ଏକ ସାରସ୍ୱତ ସାହିତ୍ୟ ସମାରୋହ ତଥା କବିବର ରାଧାନାଥ ରାୟଙ୍କ ଜୟନ୍ତୀ ଅନୁଗୋଳ ନବକୃଷ୍ଣ ଚୌ?ଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟ ସଂସଦର ସଭାପତି ପ୍ରଫେସର କୁମୁଦ ଚ଼ନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବକୃଷ୍ଣ ଚୌ?ଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ଦ୍ରୌପଦୀ ପଟେଲ, ମୁଖ୍ୟ ବକ୍ତା ଭାବେ ବାଗ୍ମୀ ଶାନ୍ତନୁ କୁମାର ସର ଏବଂ ସମ୍ମାନୀତ ଅତିଥି ଭାବେ କବୀ ଡଃ ଇନ୍ଦିରା ଦାଶ ଓ ସାହିତ୍ୟ ସଂସଦ ସଂପାଦକ ରାଧାକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ସଂଗ୍ରାମ କେଶରୀ ପୃଷ୍ଟିଙ୍କ ନ୍ତ ଅନୁଗୋଳର ଲୋକକଥାନ୍ତ ପୁସ୍ତକଟିକୁ ଉନ୍ମୋଚିତ କରିଥିଲେ । କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ଼ଃ ବନମାଳୀ ବାଗ ସଂଚ଼ାଳନ କରିଥିଲେ । ଫ୍ରେଣ୍ଡ ପବ୍ଲିଶର , କଟକ ଦ୍ୱାରା ପ୍ରକାଶିତ ଏହି ପୁସ୍ତକରେ ଅନୁଗୋଳ ଜିଲ୍ଲାର କୋଡିଏଟି ଲୋକକଥା ସ୍ଥାନ ପାଇଛି । ପୁସ୍ତକଟି ଜିଲ୍ଲାର ଅନେକ ଅନାଲୋଚ଼ିତ ତଥ୍ୟ ସାମ୍ନାକୁ ଆଣିପାରିଥିବାରୁ ଏହା ବିଶେଷ ପାଠକୀୟ ଆଦୃତି ଲାଭକରିବ ବୋଲି ଅତିଥିମାନେ ଆଶାପୋଷଣ କରିଥିଲେ ।



## କୁତ୍ସିତ ଜାତି ପ୍ରଥା: ଘରେ ୧୨ ଘଣ୍ଟା ପଡି ରହିଲା ମୃତଦେହ

ଭୁବନେଶ୍ୱର, (ପି.ଏନ): କୁତ୍ସିତ ଜାତି ପ୍ରଥାର ଅନ୍ଧାରୀ କୋଠରୀରୁ ସମ୍ପୂର୍ଣ୍ଣ ବାହାରି ପାରିନାହିଁ ଏ ସଭ୍ୟ ସମାଜ। ଯେଉଁପାଇଁ ଆଜି ମୃତଦେହକୁ ଅସମ୍ମାନିତ କରାଯାଇଛି। ଜାତିଆଣ ମନୋଭାବ ଯୋଗୁ ୧୨ ଘଣ୍ଟାରୁ ଅଧିକ ସମୟ ଧରି ଘର ଭିତରେ ପଡି ରହିଲା ମୃତଦେହ। ଗାଁ ଲୋକେ ମୃତଦେହ ସତ୍କାର କଲେନାହିଁ। ଶେଷରେ ସ୍ୱେଚ୍ଛାସେବୀମାନଙ୍କୁ ଶବ ସତ୍କାର କରିବାକୁ ପଡିଲା। ଏପରି ଘଟଣା ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଞ୍ଚଳରେ ଘଟିଛି। ବୀରମହାରାଜପୁର ବ୍ଲକ୍ ବହଲପଦର ପଞ୍ଚାୟତ ଚ଼ିଙ୍ଗିରାନାଳୀ ଗାଁର ବେଦ ପଧାନଙ୍କର ଗତ ମାର୍ଚ୍ଚ ୨୫ ତାରିଖରେ ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ଦେହାନ୍ତ ପରେ ପତ୍ନୀ ସୁମିତ୍ରା ଏକାକୀ ନିଜ କୁଡିଆରେ ଦୁଃଖ କଷ୍ଟରେ ଜୀବନ ଅତିବାହିତ କରୁଥିଲେ। ସରକାରୀ ଭାବେ ମାସିକ ବାର୍ଦ୍ଧକ୍ୟ ଭତ୍ତା ଓ ଚ଼ାଉଳ ମିଳୁନଥିଲା। ହେଲେ ଚ଼ାଲିବା ପାଇଁ ଅଣ୍ଟାରେ ବଳ ନଥିବାରୁ ଭାତ ରୋଷେଇ କରି ଖାଇପାରୁନଥିଲେ। ତେଣୁ ଯିଏ ଯାହା ଦେଉଥିଲେ ତାକୁ ଖାଇ ଜୀବନ ଜିଉଁଥିଲେ।



## ବୁଡି ଅଞ୍ଚଳ ବିସ୍ଥାପିତ ପରିଷଦ ନନ୍ଦପୁର ପକ୍ଷରୁ ଆୟୋଜିତ ନ୍ତସ୍ୱଛତା ହିଁ ସେବାନ୍ତ କାର୍ଯ୍ୟକ୍ରମ

ନନ୍ଦପୁର,(ପି.ଏନ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ବୁଡି ଅଞ୍ଚଳ ବିସ୍ଥାପିତ ପରିଷଦ ନନ୍ଦପୁର ପକ୍ଷରୁ ଆୟୋଜିତ ନ୍ତସ୍ୱଛତା ହିଁ ସେବାନ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଅଛି। ଉକ୍ତ ସଫେଇ କାର୍ଯ୍ୟକ୍ରମରେ ବୁଡ଼ି ଅଞ୍ଚଳ ବିସ୍ଥାପିତ ପରିଷଦ ନନ୍ଦପୁର ସଭପତି ଆକାଶ ଖିଲଙ୍କ ଅଧକ୍ଷତାରେ ଜଲାପୁଟ ଡ୍ୟାମ ଦ୍ୱାରା ବିସ୍ଥାପିତ ୧୦ ଗୋଟି ଗ୍ରାମ ପଞ୍ଚାୟତର ପାନ୍ଥଲୁଙ୍ଗ, ଗୋଲୁର୍, ପରଜା ବଡ଼ପଡା, କୁଲାରସିଂ, ପାଡୁଆ, କୁଲାବୀର, ଅତଣ୍ଡା, ବିଲା ପୁଟ, ବାଡେଲ, ବାଲଡ଼ା ଗ୍ରାମ ପଞ୍ଚାୟତର ବିସ୍ଥାପିତ ପରିବାରର ୩୦୦ରୁ ଉର୍ଦ୍ଧ୍ୱ ସଦସ୍ୟ ମାନେ ଉପସ୍ଥିତ ରହି ନନ୍ଦପୁର ବ୍ଲକ ସଦର ମହକୁମାର ବ୍ଲକ କାର୍ଯ୍ୟାଳୟ ନନ୍ଦପୁର, ତହସିଲଦାର କାର୍ଯ୍ୟାଳୟ ନନ୍ଦପୁର, ପୋଲିସ ଷ୍ଟେସନ ନନ୍ଦପୁର,ଏସ୍ ଡି ପି ଓ କାର୍ଯ୍ୟାଳୟ ନନ୍ଦପୁର, ସିଏଚ଼ସି ମେଡିକାଲ୍ ନନ୍ଦପୁର, ବ୍ରତ୍ରିଶ ସିଂହାସନ ନନ୍ଦପୁର ପାରିପାର୍ଶ୍ୱରେ ସଫେଇ କରାଗଲା। ପଲତ ଉପଖଣ୍ଡ ଅଧିକାରୀ ନନ୍ଦପୁର ସମ୍ବିତ କୁମାର ମାଝୀ, ଆଇଆଇସି ନନ୍ଦପୁର, ତହସିଲଦାର ନନ୍ଦପୁର, ବରିଷ୍ଠ ସମାଜ ସେବୀ ଜଗନ୍ନାଥ ପାଙ୍ଗି ସଫେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।




## ନର୍ସିଂ ଅଫିସରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସମର୍ଥନ ଜଣାଇଲେ ପିସିସି ଷ୍ଟିୟରିଂ କମିଟି ପ୍ରତିନିଧିଦଳ

କଟକ,(ପି.ଏନ): ସାରା ରାଜ୍ୟରେ ଜାରି ରହିଥିବା ନର୍ସିଂ ଅଫିସରଙ୍କ ସିରି ଛାଡ଼ ଆନ୍ଦୋଳନକୁ ସମର୍ଥନ ଜଣାଇଛି ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି। ପିସିସି ଷ୍ଟିୟରିଂ କମିଟିର ସଦସ୍ୟ ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଜି ଏସସିବି ମେଡିକାଲ ଓ କ୍ୟାନ୍ସର ମେଡିକାଲରେ ଆନ୍ଦୋଳନରେ ବସିଥିବା ନର୍ସିଂ ଅଫିସରମାନଙ୍କୁ ଭେଟି ସେମାନଙ୍କର ୧୦ ଦଫା ଦାବି ବିଷୟରେ ଆଲୋଚନା କରିଥିଲେ। ନର୍ସିଂ ଅଫିସରମାନଙ୍କର କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ଏସସିବି, ଶିଶୁଭବନ, ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନ ସମେତ ସାରା ରାଜ୍ୟରେ ସ୍ୱାସ୍ଥ୍ୟ ସେବା ପ୍ରଭାବିତ ହୋଇଛି। ରୋଗୀମାନଙ୍କୁ ମେଡିକାଲରୁ ଫେରାଇ ଦିଆଯାଉଛି। ଯାହା ଫଳରେ ସାଧାରଣ ଲୋକେ ନାହିଁ ନଥିବାର ହଇରାଣ ହେଉଛନ୍ତି। ତେଣୁ ସରକାର ତୁରନ୍ତ ଆଜି ଭିତରେ ନର୍ସିଂ ଅଫିସରମାନଙ୍କ ସହିତ ଆଲୋଚନା କରି ଏହାର ସମାଧାନ ବାଟ ବାହାର କରନ୍ତୁ। ନହେଲେ କଂଗ୍ରେସ ଦଳ ଏହି ଆନ୍ଦୋଳନକୁ ରାଜରାସ୍ତାକୁ ନେବେ ବୋଲି ପୂର୍ବତନ ବିଧାୟକ ଶ୍ରୀ ମୋକିମ କହିଛନ୍ତି। ପ୍ରତିନିଧି ଦଳରେ ଷ୍ଟିୟରିଂ କମିଟି ସଦସ୍ୟ ସସ୍ମିତା ବେହେରା, ଦେବେନ୍ଦ୍ର ପ୍ରସାଦ ଶେଠୀ, ସୋନୁ ସ୍ୱାଇଁ, ଦିଲ୍ଲୀପ ନାୟକ, ସେକ ବାବାଯାନୀ, ରୂପକ ପାତ୍ର, ରାକେଶ ଦାସ, ଅନିତା ନାୟକ, ନେତ୍ରମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ସାରା ବିଶ୍ୱରେ ହେଉ

ଭୁବନେଶ୍ୱର,(ପି.ଏନ): ଜୟଦେବ ଭବନଠାରେ ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର ବାର୍ଷିକ ଅଧିବେଶନ ପୂର୍ବାହ୍ଣ ୭.୩୦ ଘଟିକାରେ ଆରମ୍ଭ ହୋଇଥିଲା। ପ୍ରଥମତଃ ଶ୍ରୀଜଗନ୍ନାଥ ସହସ୍ର ନାମ ପାଠ ପରେ ପରିଷଦର କଣ୍ଠଶିଳ୍ପୀ ମାନେ ଶ୍ରୀଜଗନ୍ନାଥ ଭଜନ ଓ ଜଣାଣ ଗାନ କରିଥିଲେ। ପରିଷଦର ସାଧାରଣ ବୈଠକରେ ପରିଷଦର ଉପଦେଷ୍ଟା ରବିନାରାୟଣ ମିଶ୍ର ଚଳିତ ମାସ ୧୯ ତାରିଖରେ ମୃତ୍ୟୁବରଣ କରିଥିବାରୁ, ତାଙ୍କ ଆତ୍ମାର ସଦ୍‌ଗତି ନିମି ନିରବ ପ୍ରାର୍ଥନା କରାଯାଇ ଥିଲା। ଉପଦେଷ୍ଟା ବାଳକୃଷ୍ଣ ପଣ୍ଡାଙ୍କ ଦ୍ୱାରା ପରିଷଦ କାର୍ଯ୍ୟ କାରିଣୀ ସମିତି ପକ୍ଷରୁ ଉପସ୍ଥାପନ କରାଯାଇଥିବା, ନୂତନ କର୍ମକ ୍। ଗ୍ରହଣ, ପୂର୍ବତନ ସମ୍ପାଦକଙ୍କ ଇସ୍ତଫା ଅନୁମୋଦନ ପ୍ରଭୃତି ପ୍ରସ୍ତାବ ଗୃହୀତ ହୋଇଥିଲା। ସଭାରେ ଉପ ସଭାପତି ରବିନାରାୟଣ ମହାପାତ୍ର ଅନୁଷ୍ଠାନ ବିଷୟରେ ସୂଚନା ଦେଇଥିଲେ। ପରିଷଦର ଭାରପ୍ରାପ୍ତ ସମ୍ପାଦକ ଅଜୟ କୁମାର ହରିଚନ୍ଦନ, ସମ୍ପାଦକ ବିବରଣୀ ଓ କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ମିଶ୍ର ବିବରଣୀ ପାଠ କରିଥିଲେ। ପରେ ଅନୁଷ୍ଠିତ ଉତ୍ସବରେ ପରିଷଦର ସଭାପତି ତଥା କୋରେଇ ବିଧାନସଭାର ପୂର୍ବତନ ବିଧାୟିକା ସଂଚିତା ମହାନ୍ତି ସଭାପତିତ୍ୱ କରିଥିଲେ । ଓଡ଼ିଶାର ଆଇନ ବିଭାଗ ମାନ୍ୟବର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ରୂପେ ଯୋଗଦେଇ ପରିଷଦ ଦ୍ୱାରା ଜଗନ୍ନାଥ ସଂସ୍କୃତିର ସାରା ବିଶ୍ୱରେ ପ୍ରଚାର ପ୍ରସାର କରିବା ନିମି ପଦକ୍ଷେପ ନେବା ପାଇଁ ଉଦ୍‌ବୋଧନ ଦେଇଥିଲେ। ଅନୁଷ୍ଠାନର କାର୍ଯ୍ୟକୁ ପ୍ରଶଂସା କରି ଆମ ଓଡ଼ିଆ ଜାତିର ଗୌରବ ଜଗନ୍ନାଥଙ୍କର ସର୍ବଧର୍ମ ସମନ୍ୱୟ ଭାବକୁ ଜାଣିଲେ, ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ନୃତ୍ୟ ଶିଳ୍ପୀ ଶାଶ୍ୱତ ଯୋଶୀ ଓ ଶିଶୁ ନୃତ୍ୟଶିଳ୍ପୀ ଚୁନ୍‌ମୁନ୍‌ଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ନୂତନ ଭାବେ ମନୋନୀତ ହୋଇଥିବା କାର୍ଯ୍ୟକ ୍। ମାନଙ୍କୁ ମଂଚକୁ ନିମନ୍ତ୍ରଣ କରି ସମ୍ମାନିତ କରାଯାଇଥିଲା। ସଭାରେ ପରିଷଦର ମୁଖ୍ୟ ଉପଦେଷ୍ଟା ପ୍ରଭାତ କୁମାର ନନ୍ଦ, ପରିଷଦର ଇତିହାସ ସମ୍ପର୍କରେ ଅବତାରଣା କରି, ସ୍ୱର୍ଗତ ଗୋପୀନାଥ ମହାନ୍ତିଙ୍କ ଦ୍ୱାରା ପ୍ରତିଷ୍ଠିତ ଅନୁଷ୍ଠାନର ଷୋହଳ ବର୍ଷର କୃତି ବିଷୟରେ କହିଥିଲେ। ପରିଷଦର ଆଜୀବନ ସଦସ୍ୟ ସନ୍ତୋଷ କୁମାର ଦାଶ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ, ଅନ୍ୟତମ ସଦସ୍ୟ ସନତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଓଡ଼ିଶାର ଦଶଜଣ କୃତୀ ସନ୍ତାନଙ୍କୁ 'ଶ୍ରୀ ପୁରୁଷୋ ମ ସମ୍ମାନ'ରେ ପୁଷ୍ପଗୁଚ୍ଛ, ଉ ରୀୟ, ମାନପତ୍ର ଓ ସ୍ମାରକୀ ସହ ଉତ୍ସବର ମୁଖ୍ୟଅତିଥି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରଦାନ କରିଥିଲେ। ଜଗନ୍ନାଥ ସଂସ୍କୃତି ପ୍ରଚାରକ ରାମକୃଷ୍ଣ ଦାସ ମହାପାତ୍ର, ଦୁର୍ଗା ଦାସ, ଡକ୍ଟର ଶରତ ଚନ୍ଦ୍ର ମହାନ୍ତି, ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ପଦ୍ମଶ୍ରୀ ଶ୍ୟାମାମଣୀ ପଟ୍ଟନାୟକ, ଡକ୍ଟର ନରେଶ ଚନ୍ଦ୍ର ଦାଶ, ସାରଙ୍ଗଧର ରାୟଗୁରୁ, ଶେଖ ମକଦୁଲ ଇସଲାମ, ଧୀରେନ୍ଦ୍ର କୁମାର, ତନୁଶ୍ରୀ ଜେନାଙ୍କୁ ମୁଖ୍ୟଅତିଥି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ସଭାପତି ସଂଚିତା ମହାନ୍ତି, ଉ ରୀୟ, ପୁଷ୍ପଗୁଚ୍ଛ, ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ପରିଷଦର ମୁଖପତ୍ର, ସଭ୍ୟସଭ୍ୟାଙ୍କ ବିବରଣୀ ପୁସ୍ତିକା ଓ ସାରଙ୍ଗଧର ରାୟଗୁରୁଙ୍କ ଦ୍ୱାରା ରଚିତ 'ବାଙ୍କୀ ଇତିହାସ' ପୁସ୍ତକକୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ସଭା ସାଙ୍ଗ ହେଲାପରେ ପରିଷଦର ବାର୍ଷିକ ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ଓଡ଼ିଶା ଓ ଓଡ଼ିଶା ବାହାରୁ ଆସିଥିବା ଆଜୀବନ ସଭ୍ୟ ସଭ୍ୟାମାନେ ନିଜର ଅନୁଷ୍ଠାନର ବିକାଶ ନିମି ପ୍ରସ୍ତାବ ମାନ ଦେଇଥିଲେ। ସମିତିର ସଭାପତି ସଂଚିତା ମହାନ୍ତି, ବିଭିନ୍ନ ପ୍ରଶ୍ନର ଉ ର ଦେବା ସହ, ଓଡ଼ିଶାରେ ପ୍ରତିଷ୍ଠିତ ସମସ୍ତ ଚେତନାକେନ୍ଦ୍ର ମାନଙ୍କୁ ଶ୍ରୀଜଗନ୍ନାଥଙ୍କ ତ ୍ୱର ପ୍ରଚାର ପ୍ରସାର କରିବା ପାଇଁ ନିବେଦନ କରିଥିଲେ। ଏହି ସମ୍ମିଳନୀରେ ପ୍ରାୟତଃ ସାତଶହ ଆଜୀବନ ଶ୍ରୀଜଗନ୍ନାଥପ୍ରେମୀ ସଭ୍ୟସଭ୍ୟା ଅଂଶଗ୍ରହଣ କରିଥିଲେ।







Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray